THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ



ଦଳର ଅନ୍ୟ ସଦସ୍ୟଙ୍କ ତୁଳନାରେ ନିଜଠାରୁ ଅଧିକ ଆଶା କରିବା ହିଁ ଏକ ନେତୃତ୍ୱର ସଫଳତା ।
–ମେଜର ଧ୍ୟାନଚାନ୍ଦ

♦ବର୍ଷ–୨ ♦ସଂଖ୍ୟା–୧୮ ♦ବରଗଡ଼ ♦ ୧୦ –୧୬ ମାର୍ଚ୍ଚ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 18♦BARGARH ♦ 10 -16 MARCH 2023 ♦RS.5/- ♦PAGE-8

୩ ଜିଲ୍ଲାରେ ୩୦୮୧ କୋଟିର ଉନ୍ନୟନ ପ୍ରକଳ୍ପ ଆରମ୍ଭ ପୃଷ୍ଠା–୩➔




ଶ୍ରୁତିଙ୍କ ଲଭ୍ ଗେମ୍ ପୃଷ୍ଠା–୫➔



ସ୍କୁଲ୍ ହତା ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପୃଷ୍ଠା–୬➔



ବଢୁଛି ରାଜ୍ୟପାଳ–ସରକାର ବିବାଦ ପୃଷ୍ଠା–୮➔



# ଲୁଚାଛପାରେ ଚାଲିଛି ବାଣ ଭିଡ଼ା

- ଘଟୁଛି ଗୋଟିଏ ପରେ ଗୋଟିଏ ପ୍ରାଣଘାତୀ ଅଘଟଣ
- ବିସ୍ଫୋରଣରେ ସପ୍ତାହକରେ ଗଲାଣି ୯ ଜୀବନ
- ପୋଲିସ ଓ ପ୍ରଶାସନର ଢିଲାପଣକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର: ବାଲେଶ୍ୱର, କେନ୍ଦ୍ରାପଡ଼ା, ବାଲିପାଟଣା ଓ ଜଗତସିଂହପୁର ପରେ ଏବେ ଖୋର୍ଦ୍ଧା ଜିଲ୍ଲା ଭୁଷଣ୍ଡପୁରରେ ଘଟିଛି ବାଣ ବିସ୍ଫୋରଣ । କେହି କିଛି ଭାବିବା ପୂର୍ବରୁ ବାଣ ନେଇଗଲା ୬ ଜଣଙ୍କ ଜୀବନ । ଏହାର ଠିକ୍ ସପ୍ତାହକ ପୂର୍ବରୁ ଜଗତ୍‌ସିଂହପୁର ଜିଲ୍ଲା ଇଛାପୁରରେ ଏକ ବାଣ ଗୋଦାମରେ ଘଟିଥିଲା ବଡ଼ ବିସ୍ଫୋରଣ । ଯେଉଁଥିରେ ଗୋଦାମ ମାଲିକଙ୍କ ସମେତ ୩ଜଣଙ୍କର ଅକାଳରେ ଜୀବନ ଚାଲିଯାଇଥିଲା । ଏହାକୁ ମିଶାଇ ସପ୍ତାହକ ଭିତରେ ବାଣ ବିସ୍ଫୋରଣରେ ୯ ଜଣଙ୍କ ଜୀବନ ଗଲାଣି । ଏଠି ପ୍ରଶ୍ନ କାହା ଭୁଲ୍ ରୁ ଘଟୁଛି ଏଭଳି ଗୋଟିଏ ପରେ ଗୋଟିଏ ପ୍ରାଣଘାତୀ ଅଘଟଣ ? ଏଥିପାଇଁ ଦାୟୀ କିଏ ? ଯଦିଓ ବାଣ ବିକ୍ରିକୁ ନେଇ ସରକାରୀ କଟକଣା ରହିଛି ଓ ବାଣ ଦୋକାନ ଖୋଲିବାକୁ ଲାଇସେନ୍ସ ଜରୁରୀ ସହ ଖୋଲା ସ୍ଥାନରେ ବିକ୍ରିର କଡ଼ା ନିୟମ ଅଛି, କିନ୍ତୁ ଲୁଚାଛପାରେ ବାଣ ତିଆରିକୁ କାହିଁକି ରୋକାଯାଉନି ? ବେଆଇନ ବାଣ କାରଖାନା ଓ ଗୋଦାମ କାହିଁକି ଖୋଜି ପାଉନି ପୋଲିସ କି ପ୍ରଶାସନ ? ବାଣ ତିଆରି କାମରେ ପିଲା ଓ ମହିଳାଙ୍କୁ ବି ନିୟୋଜିତ କରାଯାଉଥିବାରୁ



ଅକାରଣରେ ଯାଉଛି ସେମାନଙ୍କ ଜୀବନ । ସେହିପରି ବେଆଇନ୍ ବାଣ ବିକ୍ରି ଓ ଗୋଦାମ ସ୍ଥଳରେ ଆବଶ୍ୟକ ସୁରକ୍ଷା ଉପକରଣ ରହୁ ନ ଥିବାରୁ ବିସ୍ଫୋରଣ ବେଳେ ଏହା ଅଧିକ ପ୍ରାଣଘାତୀ ସାବ୍ୟସ୍ତ ହେଉଛି । ଯଦିଓ ଏନେଇ ଆଇନରେ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି, ହେଲେ ତାର ସଠିକ୍ ଅନୁପାଳନ ହେଉନଥିବାରୁ ପ୍ରତି ବର୍ଷ ନୂଆ ନୂଆ ସ୍ଥାନରେ ଏପରି ଛାତିଥରା ଘଟଣାର ପୁନରାବୃତ୍ତି ଘଟୁଛି ।

➔ପୃଷ୍ଠା–୭

## ପ୍ରମୁଖ ଘଟଣାବଳୀ

**୧୮ ଅକ୍ଟୋବର ୨୦୧୭**

ଦୀପାବଳି ଅମାବାସ୍ୟାର ପୂର୍ବ ଅପରାହ୍ନ । ବାଲେଶ୍ୱର ଜିଲ୍ଲା ବାହାବଳପୁରରେ ଏକ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ଘଟଣାସ୍ଥଳରେ ୬ ଜଣ ଓ ପରେ ଏସସିବିରେ ଆଉ ୫ ଜଣଙ୍କୁ ମିଶାଇ ମୋଟ ୧୧ ଜଣଙ୍କର ପ୍ରାଣ ଯାଇଥିଲା ।

**୧ ନଭେମ୍ବର ୨୦୧୮**

ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଭାକରସାହିରେ ଘଟିଥିଲା ଆକସ୍ମିକ ବାଣ ବିସ୍ଫୋରଣ । ପ୍ରଚଣ୍ଡ ଶବ୍ଦ କରି ୫ ବଖରା ଛାତ ଘର ଉଡ଼ି ଯାଇଥିଲା । ଯେଉଁଥିରେ ସେହି ଗାଁର ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା ।

**୨୩ ନଭେମ୍ବର ୨୦୨୨**

କେନ୍ଦ୍ରାପଡ଼ା ସଦର ଥାନା ବାଲିଆରେ କାର୍ତ୍ତିକେଶ୍ୱର ମେଳା ଭସାଣ ଉତ୍ସବ ବେଳେ ଘଟିଥିଲା ପ୍ରାଣଘାତୀ ବାଣ ବିସ୍ଫୋରଣ । ଯେଉଁଥିରେ ୪୫ ଜଣ ଆହତ ହୋଇଥିବା ବେଳେ ୨ ଜଣଙ୍କ ପ୍ରାଣ ଚାଲି ଯାଇଥିଲା ।

**୨୮ ଫେବ୍ରୁଆରୀ ୨୦୨୩**

ମାତ୍ର ୬ ଦିନ ତଳେ ଜଗତସିଂହପୁର ଜିଲ୍ଲା ଇଛାପୁରରେ ଏକ ବାଣ ଗୋଦାମରେ ଘଟିଥିଲା ବଡ଼ ବିସ୍ଫୋରଣ । ଯେଉଁଥିରେ ଗୋଦାମ ମାଲିକଙ୍କ ସମେତ ୩ ଜଣଙ୍କର ଅକାଳରେ ଜୀବନ ଯାଇଛି ।

# ବୋଲ ମାନୁନି ବନାଗ୍ନି: ଶୀର୍ଷରେ ଓଡ଼ିଶା

## ଶିମିଳିପାଳରୁ କୁଲଡିହା ମାଡ଼ି ଚାଲିଛି ଜଙ୍ଗଲ ନିଆଁ

ଭୁବନେଶ୍ୱର: ଦେଶର ବିଭିନ୍ନ ସ୍ଥାନରେ କେଉଁଠି ନା କେଉଁଠି ଜଙ୍ଗଲରେ ନିଆଁ ଜଳୁଛି । ଦେଶର ଏବେ ପାଖାପାଖି ୬ ଶହଟି ସ୍ଥାନରେ ଜଳୁଛି ଜଙ୍ଗଲ । ସେଥିରୁ କେବଳ ଓଡ଼ିଶାରେ ସର୍ବାଧିକ ସ୍ଥାନ ଚିହ୍ନଟ ହୋଇଛି । କେଉଁଠି ହୁତୁହୁତୁ ହୋଇ ଜଳୁଛି, ତ ଆଉ କେଉଁଠି କୁହୁଳି କୁହୁଳି ବ୍ୟାପୁଛି ଜଙ୍ଗଲ ନିଆଁ । ମୟୂରଭଞ୍ଜର ଶିମିଳିପାଳ, ଗଜପତି ମୋହନାର ନାରଙ୍ଗୀ, ଖୋର୍ଦ୍ଧାର ବରୁଣେଇ, ବାଲେଶ୍ୱରର ସୋର ଏବଂ କୁଲଡିହା ପାହାଡ଼ । ରାଜ୍ୟର ଅଧିକାଂଶ ଜିଲ୍ଲାରେ ଖରାଦିନ ଆରମ୍ଭରୁ ଅଣାୟତ୍ତ ହେଲାଣି ଜଙ୍ଗଲ ନିଆ । ସେହିପରି ସୁନାବେଡ଼ା ବନଖଣ୍ଡରେ ବି ଜଙ୍ଗଲ ଜଳୁଛି । ମାଲକାନିଗିରିର ଚିତ୍ରକୋଣ୍ଡା ହେଉ କିମ୍ବା ନବରଙ୍ଗପୁରର ଝରିଗାଁ, ନୂଆପଡ଼ାର ଖଡ଼ିଆଳ, କୋମନା,



କୋରାପୁଟର ନାରାୟଣପାଟଣା, ସୁନ୍ଦରଗଡ଼ର ହେମଗିରି, କନ୍ଧମାଳର ତୁମୁଡ଼ିବନ୍ଧ, ଗଜପତିର ମୋହନା ଓ ଚନ୍ଦ୍ରଗିରି, କେନ୍ଦୁଝରର ଚମ୍ପୁଆ ଓ ଘଟଗାଁ, ଗଞ୍ଜାମର ଆସ୍କା, କଟକର ନରସିଂହପୁର, ମୟୂରଭଞ୍ଜର

➔ପୃଷ୍ଠା–୭

## ସମ୍ପାଦକୀୟ

ଷୋଳକଳା ସମ୍ପନ୍ନ ସମାଜ

# ଯାତ୍ରାରେ ଅଶ୍ଳୀଳତା ମନା

## କହିପାରିବେନି ଦ୍ୱିଅର୍ଥବୋଧକ ସଂଳାପ

ଭୁବନେଶ୍ୱର: ଏଣିକି ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବନି । ଦ୍ୱିଅର୍ଥବୋଧକ ସଂଳାପ କହିପାରିବେନି କଳାକାର । ମାର୍ଜିତ ହେବ ସେମାନଙ୍କ ଅଭିନୟ । ମେଲୋଡି କିମ୍ବା ନାଟକ ପରିବେଷଣ ସମୟରେ କଳାକାର ଓଡ଼ିଶାର ଗେରବମୟ ସଂସ୍କୃତିକୁ ସମ୍ମାନ ଜଣାଇବେ । କଦର୍ଯ୍ୟ ରୂପରେ ସଂସ୍କୃତିକୁ ପରିପ୍ରକାଶ କରିପାରିବେ ନାହିଁ । ଯାତ୍ରାରେ ବଢୁଥିବା ଅଶ୍ଳୀଳତାକୁ ଦୃଷ୍ଟିରେ ରଖି ଏଭଳି କଟକଣା ଲଗାଇଛନ୍ତି ରାଜ୍ୟ ସରକାର । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ଲେଖାଯାଇ ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରା ଓ ମେଲୋଡି ପାଇଁ ଅନୁମତି ଦେବା ବେଳେ ସର୍ତ୍ତାବଳୀରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ମଧ୍ୟ କୁହାଯାଇଛି ।

ଓଡ଼ିଶାର ବିଭିନ୍ନ ସ୍ଥାନରେ ପରିବେଷିତ ହେଉଥିବା ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଦେଖିବାକୁ ମିଳୁଥିଲା । କେତେଜଣ କଳାକାରଙ୍କ ଅଭିନୟ ଏଭଳି

➔ପୃଷ୍ଠା–୭

# ବିଜେପି ଫୋକସ୍‌ରେ ଓଡ଼ିଶା

## ଆସୁଛନ୍ତି ମୋଦି, ଶାହା ଓ ନଡ୍ଡା

ଭୁବନେଶ୍ୱର: ୨୦୨୪ରେ ଓଡ଼ିଶା ଦଖଲ ମିଶନରେ ବିଜେପିର ତ୍ରିମୂର୍ତ୍ତି ମୋଦି, ଶାହା ଓ ନଡ୍ଡା । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦୁଇ ଦୁଇ ଥର ଓଡ଼ିଶା ଗସ୍ତ ପରେ ଆସନ୍ତା ୨୬ରେ ଭଦ୍ରକ ଓ ଯାଜପୁର ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ଉପକୂଳ ଓଡ଼ିଶା ଦଖଲ ପାଇଁ ଆରମ୍ଭ ହୋଇଗଲାଣି ଷ୍ଟ୍ରାଟେଜ୍ । ଯହେତୁ ଉତ୍ତର ଓଡ଼ିଶାର ଦୁଇ ସଂସଦୀୟ କ୍ଷେତ୍ର ବାଲେଶ୍ୱର ଓ ମୟୂରଭଞ୍ଜ ଦଳ ଦଖଲରେ ଅଛି ତେଣୁ ବିଜେଡି ଦଖଲରେ ଥିବା ପାଖ ଦୁଇ ସଂସଦୀୟ କ୍ଷେତ୍ର ଭଦ୍ରକ ଓ ଯାଜପୁରକୁ ଏବେ ଦଳ କରିଛି ଫୋକସ୍ । ସେହିପରି ଏହାର କିଛି ଦିନ ପରେ ପ୍ରାଧନମନ୍ତ୍ରୀ ମୋଦି ବି ଆସିବାର କାର୍ଯ୍ୟକ୍ରମ ରହିଛି । ଦଳର ଶୀର୍ଷ ନେତୃବୃନ୍ଦଙ୍କ ଏ ଗସ୍ତ ରାଜ୍ୟ ବିଜେପି ପାଇଁ ବଡ଼ ସଂଜୀବନୀ ହେବ ବୋଲି କୁହାଯାଉଥିବାବେଳେ ବିଜେଡି ଓ କଂଗ୍ରେସ କହିଛନ୍ତି କିଛି ପ୍ରଭାବ ପଡ଼ିବନି । ବିଜେପି ଶୀର୍ଷ ନେତୃବନ୍ଦଙ୍କ ଆଗକୁ ଏଭଳି ଘନ ଘନ ଓଡ଼ିଶା ଆଗମନରୁ ସ୍ପଷ୍ଟ ।୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପୁରା ଆଗ୍ରେସିଭ୍ ମୁଡ଼ରେ ଅଛି ପଦ୍ମ ଦଳ । ଶାହା, ମୋଦି ଓ ନଡ୍ଡାଙ୍କ ମିଶନ ଓଡ଼ିଶା ଲକ୍ଷ୍ୟ କେତେ ସଫଳ ହେଉଛି ତାହା ୨୪ ସାଧାରଣ ନିର୍ବାଚନ ପରେ ହିଁ ସ୍ପଷ୍ଟ ହେବ ।

THE AADHAR ODISHA
ଆଧାର ଓଡ଼ିଶା
୧୦-୧୬ ମାର୍ଚ୍ଚ ୨୦୨୩



# ଷୋଳକଳା ସମ୍ପନ୍ନ ସମାଜ

ପରୀକ୍ଷା ଋତୁ ଆରମ୍ଭ ହୋଇଗଲାଣି । ରାଜ୍ୟରେ ମ୍ୟାଟ୍ରିକ୍, ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଚାଲିଛି। କେବଳ ଓଡ଼ିଶା କାହିଁକି, ଭାରତ ବର୍ଷର ସବୁ ରାଜ୍ୟର ବୋର୍ଡ ପରୀକ୍ଷା ଏବେ। କେନ୍ଦ୍ରୀୟ ବୋର୍ଡ ପରୀକ୍ଷା ବି। ଏହାପରେ ବିଭିନ୍ନ ପେଶାଗତ ଶିକ୍ଷା ଲାଗି ପ୍ରବେଶିକା ପରୀକ୍ଷା ଯେପରି କି ନିଟ୍, ଜେଇଇ, କ୍ଲାଟ୍ ଆଦି ଗୋଟିଏ ପରେ ଗୋଟିଏ ଚାଲିବ। ସାଧାରଣ ଭାଷାରେ ବାଲୁଙ୍ଗାମୀ ବା ମାଙ୍କଡାମୀ କରୁଥିବା କିଛି ପିଲା ହୁଏତ ପାଠ ପ୍ରତି ଏତେଟା ଗୁରୁତ୍ୱ ଦେଉ ନ ଥାଇ ପାରନ୍ତି, କିନ୍ତୁ ସଂଖ୍ୟାଧିକ ଛାତ୍ରୀଛାତ୍ରଙ୍କ ଲାଗି ପରୀକ୍ଷା ହେଉଛି ଛାତି ଧଡ ଧଡର ସମୟ। ହେବନି କେମିତି ଯେ ? ହଜାର ହଜାର ଟଙ୍କା ଦେଇ କୋଚିଂ ନେଇଛନ୍ତି। ପ୍ରବେଶିକା ପରୀକ୍ଷା ଅଭ୍ୟାସ ଲାଗି ଲକ୍ଷରେ ଟଙ୍କା ଗଣିଛନ୍ତି। ରିକ୍ସାବାଲା, ଅଟୋବାଲା, ଦିନ ମଜୁରିଆଟିଏ ବି ନିଜେ ନ ଖାଉ ପିନ୍ଧୁ ପଛେ, ପିଲାଙ୍କ ଉପଯୁକ୍ତ ତାଲିମ ଲାଗି ପଇସା ଖର୍ଚ୍ଚ କରିବାକୁ କାର୍ପଣ୍ୟ କରୁନାହିଁ। ନିଜେ ଶ୍ରମଜୀବୀ ହେଉ ପଛେ, ପୁଅ ଝିଅ ତାହାର ବାବୁ, ବାବୁଆଣୀ ହୁଅନ୍ତୁ ଏହା ତାଙ୍କର ସ୍ୱପ୍ନ। ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ପରିବାରରେ ପିଲାଙ୍କ ପାଠପଢ଼ା ପ୍ରତି ଆଭିମୁଖ୍ୟ ତ ଆହୁରି କଡ଼ାକଡ଼ି। ଏହି ଗୋଷ୍ଠିର ମାଆ ବାପାଙ୍କ ଇଚ୍ଛା ପୁଅଝିଅ ତାଙ୍କର ଡାକ୍ତର ହେଉ, ଇଞ୍ଜିନିୟର ହେଉ, ସିଭିଲ ସର୍ଭିସ ପାଉ। ପ୍ରତିଦିନ ପିଲାକୁ ତାଗିଦ୍ ୯୯ରୁ କମ୍ ପର୍ସେଣ୍ଟାଇଲ ରହିଲେ ଆଇଆଇଟି, ୯୮ରୁ କମ୍ ପର୍ସେଣ୍ଟାଇଲରେ ଏନଆଇଟିରେ ନାମ ଲେଖାଇବା ସମ୍ଭବପର ନୁହେଁ। ଭଲ ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି ନିଟ୍‌ରେ ଭଲ ପର୍ସେଣ୍ଟେଜ୍ ରଖିବା କେଉଁ କମ୍ କାଠିକର ପାଠ କି ବୋଲି ପିଲାକୁ ସବୁ ଦିନ ଚେତାଇ ଦିଆଯାଉଥାଏ। ଦିନ ମଜୁରିଆ ବା ରିକ୍ସାବାଲା କିମ୍ବା ଅଶିକ୍ଷିତ ପରିବାରର ଅଭିଭାବକ ଏ ସବୁ ପର୍ସେଣ୍ଟାଇଲ କଥା ପ୍ରାୟତଃ ଜାଣନ୍ତିନି, ତେଣୁ ପିଲାକୁ ଖାଲି କହିଥାନ୍ତି ଯେ ଭଲ ପଢ଼ିଲେ ବଡ ଲୋକ ହେବୁ, ବହୁ ଧନ ରୋଜଗାର କରିବୁ, ନିଜେ ଭଲରେ ରହିବୁ, ଆମକୁ ଭଲରେ ରଖିବୁ।

ପିଲା ଭଲ ପାଠ ପଢନ୍ତୁ, ସେମାନଙ୍କ ଲାଗି ଅର୍ଥବ୍ୟୟ ଖରାପ କଥା ନୁହେଁ। ପିଲାର ଉତ୍ତୋରତ୍ତର ଉନ୍ନତି କାମନା ତ ସବୁ ମାଆବାପା ଓ ଅଭିଭାବକଙ୍କ ଧ୍ୟେୟ ହେବା କଥା। ଆଇଆଇଟି, ଏନଆଇଟି ହେଉଛି ଭାରତବର୍ଷରେ ଇଞ୍ଜିନିୟରିଂ ପାଠପଢ଼ାରେ ଶୀର୍ଷସ୍ତରୀୟ ସରକାରୀ ଶିକ୍ଷାନୁଷ୍ଠାନ। ସେହିପରି ଏମ୍ସ, ପୁନାର ମିଲିଟାରୀ ମେଡିକାଲ କଲେଜ, ଚଣ୍ଡିଗଡର ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍ ଡାକ୍ତରୀ ପାଠ୍ୟକ୍ରମରେ ସମସ୍ତରୀୟ। ନିକଟ ଭବିଷ୍ୟତରେ ଚାଇନାକୁ ଜନସଂଖ୍ୟାରେ ଟପିବାକୁ ଯାଉଥିବା ଭାରତରେ ଯୁବପିଢ଼ି ଓ କିଶୋରକିଶୋରୀଙ୍କ ସଂଖ୍ୟା ସ୍ୱାଭାବିକ ଭାବେ ଅଧିକ। ଜେଇଇ, ନିଟ୍, ପରୀକ୍ଷାର୍ଥୀଙ୍କ ସଂଖ୍ୟା ପ୍ରତିବର୍ଷ ବଢିଚାଲିଛି। ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ। ମାତ୍ର ସିଟ୍ ସଂଖ୍ୟା ତଦନୁପାତରେ ଥୋକେ। ତେଣୁ ନାମ ଲେଖାଇବା ଲାଗି ପ୍ରତିଯୋଗିତା ପହଞ୍ଚି ଯାଉଛି ତକ୍ଷିକଟା ସ୍ତରରେ। କଟ୍ ଥ୍ରୋଟ୍ କମ୍ପିଟିଶନ। ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭରୁ ନ ଲାଗିଲେ ସଫଳତା ହାତକୁ ଲାଗିବା କଷ୍ଟକର।

ମାଟ୍ରିକ୍ ପରୀକ୍ଷା ଫଳ ଆସିଯିବା ମୁହୂର୍ତ୍ତରୁ ହିଁ ମାର୍କକୁ ଆଧାର କରି ମାଆ, ବାପା, ବଡ ଭାଇ, ଦଦା, ଖୁଡ଼ି, ମାମୁଁ ମାଇଁ ବିଶଦ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ କରି ଦିଅନ୍ତି ପିଲା କିସ ପଢିବ। ଏଥିରେ ପିଲାର ମତ ନିଆଯିବା ଉଚିତ ବୋଲି କେହି ମନେ କରନ୍ତି ନାହିଁ। ପିଲାଟା.. ସିଏ ଗୋଟେ କ'ଣ କହିବ ବୋଲି ବିଚାର କରାଯାଏ। ପିଲାଟି ଭଲ ଚିତ୍ର କରୁଛି, ଗୀତ ଗାଉଛି, ନାଚ କରୁଛି, ଅଭିନୟ କରୁଛି ତାହା ଆଉ ବିଚାରକୁ ଆସେ ନାହିଁ। ନିଟ୍, ଜେଇଇ ମେନ୍, ଆଡଭାନ୍ସଡ, ଆଇଜର, ନାଇଜର, କ୍ଲାଟ୍ ଉପରେ ଆଲୋଚନା ହୁଏ। ନିଟ୍, ଜେଇଇ ବିଚାର ଅଧିକ । ବାସ୍, ନାମ ଲେଖା ନ ସରୁଣୁ ପିଲାକୁ ଠେଲି ଦିଆଯାଏ ସମର କୋର୍ସକୁ। ଦଶମ ପାସ୍ ହୋଇଥିବା ପିଲାର କେତେ ଯେ ବୟସ ? ଅତି ବେଶୀରେ ୧୫ରୁ ୧୬ ବର୍ଷ ଭିତରେ। ଖେଳାଖେଳି, ବୁଲାବୁଲି ବନ୍ଦ। ଧୀରେ ଧୀରେ ପିଲାଟି ଭିତରେ ମରିଯାଏ କିଶୋରସୁଲଭ ଚପଳତା। ସକାଳୁ ସକାଳୁ ଆରମ୍ଭ ହୋଇଯାଏ ପଢ଼, ପଢ଼, ପଢ଼ । ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ। ଆଇଆଇଟି, ଏମ୍ସ ଆସନ ପ୍ରତିଯୋଗିତାରେ ସଫଳତା ଲାଗି ପିଲାକୁ ଅଣନିଃଶ୍ୱାସୀ କରି ଦିଆଯାଏ। ଏହି ଦଉଡରେ ହଜିଯାଏ ମଣିଷପଣିଆ, ମୂଲ୍ୟବୋଧ, ଜୀବନର ରଙ୍ଗ।

ଏବେ ଅନେକ କୋଚିଂ ସେଣ୍ଟର ହବ୍ ବୋଲି କୁହାଯାଉଥିବା ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଉଛି। ପରୀକ୍ଷାରେ ବିଫଳ ହେଲେ କିମ୍ବା ଆଶାନୁରୂପ ସଫଳତା ନ ମିଳିଲେ ପିଲା ତାତ୍‌କାଳିକ ହତାଶାବୋଧରେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିବା ଖବର ବେଳେ ବେଳେ ରିଜଲ୍ଟ ଋତୁରେ ଶୁଣିବାକୁ ମିଳୁଥିଲା। ଏବେ ତାହା ପ୍ରସ୍ତୁତି ସ୍ତରରେ ବି ଘଟିବା ଅତ୍ୟନ୍ତ ଚିନ୍ତାର ବିଷୟ। ଏହା ଯେପରି ଏକ ସଂକ୍ରାମକ ସାମାଜିକ ବ୍ୟାଧିରେ ପରିଣତ ନ ହେବ ସେଥିଲାଗି ଏକ ମାନସ ମନ୍ଥନର ଆବଶ୍ୟକତା ଉପୁଜିଲାଣି। ତେଣୁ ପ୍ରତିଯୋଗିତାକୁ ଠେଲି ଦେବା ପୂର୍ବରୁ ପିଲାକୁ ବୁଝାଇ ଦେବାକୁ ହେବ ଯେ, ଗୋଟିଏ ପରୀକ୍ଷାରେ ଜୀବନ ସରିଯାଏନି। ଜୀବନ ସାରା ତ ପରୀକ୍ଷା। ସଫଳତା ବିଫଳତା ଯେ କୌଣସି ପ୍ରତିଯୋଗିତାର ଅଭିନ୍ନ ଅଙ୍ଗ। ସଫଳତା ହେଉଛି ଆପେକ୍ଷିକ। ପରୀକ୍ଷାରେ ସଫଳତା ଅପେକ୍ଷା ଜୀବନ କାହିଁ କେତେ ଅର୍ବୁଦ ଗୁଣରେ ଅଧିକ ମୂଲ୍ୟବାନ। ଏହା ବ୍ୟତୀତ ସମସ୍ତେ ଡାକ୍ତର ବା ଇଞ୍ଜିନିୟର କାହିଁକି ହେବେ ଯେ ? ଜଣେ ଅନାଗ୍ରହୀ ଡାକ୍ତର ଅପେକ୍ଷା ଗୋଟିଏ ଆଗ୍ରହୀ, ସଚ୍ଚୋଟ, ନିଷ୍ଠାପର ସଫେଇ କର୍ମଚାରୀର ସମାଜ ପ୍ରତି ଅବଦାନ ଅଧିକ। ବଗିଚାରେ ଯେତେ ଅଧିକ କିସମର ଫୁଲ ଫଳ, ସେହି ବଗିଚା ସେତିକି ଅଧିକ ସୁନ୍ଦର ଓ ମନଲୋଭା। ସମାଜ ରୂପକ ବଗିଚାରେ ପିଲାମାନେ ତ ଗୋଟିଏ ଗୋଟିଏ ଫୁଲ। ଈଶ୍ୱର ପ୍ରତିଟି ଶିଶୁକୁ କିଛି ସ୍ୱତନ୍ତ୍ର ଗୁଣ ଓ କଳା ଦେଇ ଜନ୍ମ ଦେଇଥାନ୍ତି। ସେହି କଳା ବା ଗୁଣକୁ ଚିହ୍ନି ପାରି ତାହାର ବିକାଶ କରିବା ଦ୍ୱାରା ହିଁ ସମାଜ ଷୋଳକଳା ସମ୍ପନ୍ନ ହେବ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ସ୍ନେହ ଓ ପ୍ରେମ ବାଣ୍ଟେ ଦୋଳଯାତ୍ରା

ଫଗୁ ଦଶମୀରୁ ସାରା ଓଡ଼ିଶାରେ ଦୋଳ ଯାତ୍ରା ଆରମ୍ଭ ହୋଇଥାଏ । ଏହା ମୁଖ୍ୟତଃ ଗ୍ରାମ ଗ୍ରାମ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ସ୍ନେହ, ସଦ୍ଭାବ ଓ ପାରମ୍ପରିକ ଭାବର ଆଦାନ ପ୍ରଦାନର ପର୍ବ । ଏହା ସହ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ ବୋଲି ଗ୍ରହଣ କରାଯାଇଥାଏ । କେତେକ ସ୍ଥାନରେ ଫାଲଗୁନ ମାସର ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ପଞ୍ଚଦୋଳ ଭାବେ ଯାତ୍ରା ପାଳନ କରାଯିବାବେଳେ ଆଉ କେତେକ ସ୍ଥାନରେ ପୂର୍ଣ୍ଣିମା ଦିନକୁ ପର୍ବର ଶେଷ ଦିବସ ରୂପେ ରଜଦୋଳ ନାମରେ ନାମିତ ହୋଇ ଏହି ଯାତ୍ରା ଶେଷହୁଏ । ଆଉ କେତେକ ସ୍ଥାନରେ ୭ଦିନ ଓ ୧୦ଦିନ ଧରି ଦୋଳଯାତ୍ରା ଆୟୋଜିତ ହେବାର ଦୃଷ୍ଟାନ୍ତ ମଧ୍ୟ ରହିଛି ।

ଓଡ଼ିଆ ପଞ୍ଜିକା ଅନୁସାରେ ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ । ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନଠାରୁ ଅବିର ଅର୍ପଣ କରାଯାଏ । ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ମହାଡମ୍ବର ସହକାରେ ଗ୍ରାମର ପ୍ରାୟ ପ୍ରତ୍ୟେକଙ୍କ ଦ୍ୱାରକୁ ନିଆଯାଇଥାଏ ।

ପ୍ରତ୍ୟେକ ଦ୍ୱାରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଏ । ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ ଦ୍ୱାରୀ ଭୋଗ କୁହାଯାଇଥାଏ । ଦୋଳପୂର୍ଣ୍ଣମୀ ଦିନ ସାଧାରଣତଃ ଠାକୁରମାନଙ୍କୁ ଏକ ମଣ୍ଡପ ଉପରକୁ ନିଆଯାଇଥାଏ । ସେହି ମଣ୍ଡପର ନାମ ଦୋଳ ମଣ୍ଡପ । ସେଠାରେ ପୂଜାର୍ଚ୍ଚନା କରାଯିବା ସହ ଠାକୁରମାନେ ଦୋଳି ଖେଳନ୍ତି ଓ ସେଠାରେ ନାଲି ଅବିର ଅର୍ପଣ କରାଯାଇଥାଏ ।

ସାରା ଓଡ଼ିଶାର ପୁରପଲ୍ଲୀ ଫଗୁ ଦଶମୀଠାରୁ ଦୋଳଯାତ୍ରାର ଉତ୍ସାହରେ ଝୁମି ଉଠେ । ଗାଁ ଗାଁରେ ରାଧାକୃଷ୍ଣ ମନ୍ଦିରରେ ହେଉ କି ଶ୍ରୀଜଗନ୍ନାଥ ମନ୍ଦିରରେ ଚଳନ୍ତି ପ୍ରତିମାକୁ ଦୋଳ ବା ବିମାନରେ ବସାଇ ଗ୍ରାମ ପରିକ୍ରମା ଆରମ୍ଭ କରାଯାଏ ।

ବର୍ତ୍ତମାନ ଏହା ଏପରି ଏକ ସାମୂହିକ ଉତ୍ସବରେ ପରିଣତ ହୋଇଛି ଯେ ଖୋର୍ଦ୍ଧା ନିକଟବର୍ତ୍ତୀ କେତେକ ଗ୍ରାମରେ ଯଥା- ଗଡ଼ବାଣି, ମାଣିକଗୋଡାରେ - ଯେଉଁଠାରେ ମୁସଲମାନ ଦଳବେହେରା ରାଜାଙ୍କ ଦ୍ୱାରା ନିଯୁକ୍ତ ହେଇଥିଲେ ବା ହିନ୍ଦୁ ଦଳବେହେରା ପରବର୍ତ୍ତୀ ସମୟରେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ - ସେମାନଙ୍କ ଦୁଆରେ ମଧ୍ୟ ଠାକୁର ଭୋଗ ଖାଇଥାନ୍ତି ।

ପୌରାଣିକ କଥା: ଦୋଳ ସହିତ ବିଭିନ୍ନ ପୁରାଣର କାହାଣୀ ଜଡିତ । ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ କାହାଣୀ ରହିଥିବା ବେଳେ ଅନ୍ୟପଟେ ହୋଲିକା ଦହନ କଥା ମଧ୍ୟ ରହିଛି । ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେର୍ଦ୍ଧାସୁରର ମୃତ୍ୟୁର ଭଗବାନ କାରଣ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ଏହିପର୍ବ ଆୟୋଜିତ ହୋଇଥିଲା ।

ଦୋଳମଣ୍ଡପ: ଓଡ଼ିଶାର ଦୋଳମଣ୍ଡପ କହିଲେ ତୋରଣାକୃତି ଏକ ଉଚ୍ଚ ସଭାମଣ୍ଡପକୁ ବୁଝାଇଥାଏ । ଓଡ଼ିଶାର ପ୍ରାଚୀନତମ ପ୍ରସିଦ୍ଧ ମନ୍ଦିର ମଧ୍ୟରୁ ସର୍ବୋତ୍କୃଷ୍ଟ ମୁକ୍ତେଶ୍ୱର ମନ୍ଦିରର ତୋରଣକୁ ଓଡ଼ିଶାର ସମସ୍ତ ଗ୍ରାମ ଆଦିରୂପ ଭାବରେ ସ୍ୱୀକାର କରିଛନ୍ତି । ତେବେ ଏହି ଭବ୍ୟ ତୋରଣଟିର ପ୍ରତିରୂପ ଦୋଳ ମଣ୍ଡପରେ ନିର୍ମିତ ହେବା ନେଇ ଅବଶ୍ୟ କୌଣସି ଧାର୍ମିକ ବିଧି ବା ନିୟମ ନାହିଁ, ମାତ୍ର ଓଡ଼ିଶା ସ୍ଥାପତ୍ୟର ଏହି ଅନନ୍ୟ ନିଦର୍ଶନ ଗ୍ରାମେ ଗ୍ରାମେ ଲୋକପ୍ରିୟ ହୋଇପାରିଛି ।

# ବଢ଼ି ଚାଲୁଛି ମାମଲା ବୋଝ

ମାମଲାକୁ ଲୋକେ କହିଥାନ୍ତି 'ମା'ମଲା' ! ମା'ଙ୍କ ମୃତ୍ୟୁପରେ ପରିବାରର ଯେଉଁ କ୍ଷତି ଘଟେ ତାହା କେବେହେଲେ ପୂରଣ ହୋଇ ପାରେ ନାହିଁ, କାହିଁକି ନା ମା'ଙ୍କର ବିକଳ୍ପ ନାହିଁ । ଗାଁ ଗହଳିରେ ପରିବାର ପରିବାର ମଧ୍ୟରେ ପାଟିତୁଣ୍ଡ ହେଲେ ଆର୍ଥିକ ଅସ୍ୱଚ୍ଛଳତା ବା ଜନବଳ ନଥିବା ଲୋକଟି ଅଭିଶାପ ଦେଇଥାନ୍ତି 'ତୋ ଘରେ ମାମଲା ପଶୁ ।' ମାମଲାରେ ଥରେ ବାନ୍ଧି ହୋଇଗଲେ ଏହି ଜାଲରୁ ମୁକୁଳିବା କଷ୍ଟ ଅର୍ଥାତ ବର୍ଷ ବର୍ଷ ଧରି ଏହା ଚାଲିଥାଏ । ଅର୍ଗଳିରେ ଥରେ ବେକ ରଖି ଦେଲେ ଯେପରି ତା' ମଧ୍ୟରୁ ବାହାରିବା କଷ୍ଟ ସେମିତି ପରିସ୍ଥିତି ସୃଷ୍ଟି ହୋଇଥାଏ । ଜନୈକ ବିଦେଶୀ କହିଥିଲେ, 'ଭାରତର ନ୍ୟାୟାଳୟ ହେଉଛି, ଆଇନଜୀବୀଙ୍କ ଅମରାବତୀ ।' ଯେତେ ତାରିଖ ବଢ଼ିବ ସେତେ ତାଙ୍କର ରୋଜଗାର । ଆଗେ ଲୋକଙ୍କର ସହନଶୀଳତା ଅଧିକ ଥିଲା । ଦୁଇଚାପୁଡ଼ା ଖାଇ ମଧ୍ୟ ସେମାନେ ଚୁପ୍ ହୋଇ ରହୁଥିଲେ । ଯେଉଁମାନେ ଦୁଷ୍ଟ, ଗର୍ବୀ, ଅହଂକାରୀ ସେମାନଙ୍କଠାରୁ ଦୂରରେ ରହୁଥିଲେ ଓ ମାପିଚୁପି କଥା ହେଉଥିଲେ । ଗାଁଗୁଡ଼ିକରେ ଯେଉଁ ଗାଁ କମିଟି ଥିଲା ଅନେକ ବିବାଦ ସେଠାରେ ସମାଧାନ ହୋଇ ଯାଉଥିଲା । ଲୋକେ ଗାଁ ମୁଖିଆଙ୍କୁ ମାନୁଥିଲେ ଏବଂ ସେମାନେ ମଧ୍ୟ ନିରପେକ୍ଷ ରାୟ ଦେଉଥିଲେ । ପଦେ କଥା 'ଭୁଲ୍' ମାଗିଦେଲେ ମାମଲାର ଫଇସଲା । ଏବେ ତାହା ନାହିଁ । ଅଦାଲତରେ ମାମଲା ବଢ଼ି ଚାଲିଛି ।

ବର୍ତ୍ତମାନ ସାରା ଦେଶରେ ବିଭିନ୍ନ ଅଦାଲତରେ ପାଞ୍ଚକୋଟି ମାମଲା ରହିଛି । ଏହା ମଧ୍ୟରୁ ଆମ ରାଜ୍ୟରେ ୧୬ ଲକ୍ଷ ମାମଲା ପଡ଼ି ରହିଛି । ଅଦାଲତଗୁଡ଼ିକରେ ବିଚାରପତି ପଦ ଖାଲି ପଡ଼ିଥିବାରୁ ଦାୟର ହେଉଥିବା ମାମଲାଠାରୁ ଫଇସଲା ମାମଲା ଖୁବ୍ କମ୍ ରହୁଛି । ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅଦାଲତଗୁଡ଼ିକ ଦୈନିକ ୪ରୁ ୫ଟି ଫଇସଲା କରୁଥିବାବେଳେ ଭାରତରେ ତାହା ଦୈନିକ ୪୦ ରୁ ୪୫ ହୋଇଯାଉଛି । ରାଜ୍ୟରେ ୧୬ ଲକ୍ଷ ମାମଲାକୁ ହାଇକୋର୍ଟରେ ୧ ଲକ୍ଷ ୯୦ ହଜାର ମାମଲା ପଡ଼ିରହିଛି । ସୁଦୂର ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ଲୋକ ଶହଶହ କିଲୋମିଟର ଖର୍ଚ୍ଚାନ୍ତ ହୋଇ ଆସିବା କେତେ ଯୁକ୍ତିଯୁକ୍ତ? ଜିଲ୍ଲା ଓ ଅନ୍ୟାନ୍ୟ କୋର୍ଟଗୁଡ଼ିକରେ ପ୍ରାୟ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ପଡ଼ି ରହିଛି ।

ପୂର୍ବରୁ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣରେ ପ୍ରାୟ ୭୦,୦୦୦ ମାମଲା ବିଚାରାଧୀନ ରହିଥିଲା । ବର୍ତ୍ତମାନ ସ୍ୟାଟ୍ ଉଚ୍ଛେଦ ହୋଇଯାଇ ଥିବାରୁ ମାମଲାଗୁଡ଼ିକର ଚାପ ହାଇକୋର୍ଟଙ୍କ ଉପରକୁ ଆସିଛି । ସ୍ୟାଟ୍‌ରେ ୭ଜଣ ବିଚାରପତିଙ୍କ ଦ୍ୱାରା ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁରର ଚାକିରି, ପେନ୍‌ସନ୍ ଆଦି ମାମଲାଗୁଡ଼ିକର ଶୁଣାଣି ହେଉଥିଲା । ବର୍ତ୍ତମାନ ହାଇକୋର୍ଟରେ ଏକାଧିକ ବେଞ୍ଚରେ ଏହି କିସମର ମାମଲା ସବୁ ତାଲିକାଭୁକ୍ତ ହେଉଥିଲେ ମଧ୍ୟ ସଂପୃକ୍ତ ବିଚାରପତିମାନଙ୍କୁ ଆଉ ଅନେକ କିସମର ମାମଲାର ବିଚାର କରିବାକୁ ପଡୁଛି । ହାଇକୋର୍ଟରେ ପ୍ରାୟ ୫୦ ହଜାର ଫୌଜଦାରୀ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି । ହାଇକୋର୍ଟରେ ଥିବା ପ୍ରାୟ ୪୭,୦୦୦ରୁ ଅଧିକ ୫ରୁ ୧୦ ବର୍ଷ ଧରି ରହିଥିବା ବେଳେ ୨୭ ହଜାରୁ ଅଧିକ ମାମଲା ୧୦ରୁ ୨୦ ବର୍ଷ ଧରି ଗଡ଼ି ଚାଲିଛି । ସେହିପରି ୫ ହଜାର ମାମଲା ୨୦ରୁ ୩୦ ପର୍ଯ୍ୟନ୍ତ ରହିଛି ଛ ୯୪୦ ଟି ମାମଲା ୩୦ରୁ ଅଧିକ ବର୍ଷ ଧରି ବିଚାର ପ୍ରତୀକ୍ଷାରେ ରହିଛି ବୋଲି ଜାତୀୟ ଜୁଡିସିଆଲ ଡାଟା ଗ୍ରିଡ଼ ପକ୍ଷରୁ ପ୍ରକାଶ ।

ଉଲ୍ଲେଖଯୋଗ୍ୟ, 'ବାର୍ ଓ ବେଞ୍ଚ୍' ୱେବ୍‌ସାଇଟ୍‌ରୁ ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ୩,୦୩,୩୬୮ଟି ଦ୍ୱୋନୀ ମାମଲା ରହିଥିଲା । ସେହିପରି ସାରା ରାଜ୍ୟରେ ୧୨,୧୨,୩୬୭ ଫୌଜଦାରୀ ମାମଲା ଏବଂ ନିମ୍ନ ଅଦାଲତଗୁଡ଼ିକରେ ୧୫,୧୫,୭୩୪ଟି ମାମଲା ବିଚାରାଧୀନ ରହିଥିଲା । ସମାନ ସମୟରେ ଓଡ଼ିଶା ହାଇକୋର୍ଟରେ ୧,୩୯,୮୨୯ ଦ୍ୱୋନୀ ମାମଲା, ୫୧,୭୫୨ ଫୌଜଦାରୀ ମାମଲା ବିଚାରାଧୀନ ରହିଥିଲା । ବିଳମ୍ବିତ ବିଚାର ପାଇଁ ୩.୫ ଲକ୍ଷ ବିଚାରାଧୀନ କଏଦୀ ଜେଲ୍‌ରେ କଷ୍ଟ ପାଉଛନ୍ତି ।

କେତେଗୁଡ଼ିଏ ମାମଲା ଅଛି ତାହା ଅଦାଲତକୁ ଯିବାକୁ ବାଧ୍ୟ । ଜଟିଳ ଆଇନର ମୁକାବିଲା କରାଯାଇ ନ୍ୟାୟ ପ୍ରଦାନ କରାଯାଏ । ପରନ୍ତୁ ବୁଦ୍ଧ ଓ ଗାନ୍ଧୀଙ୍କ ଆଦର୍ଶ ଲୋକେ ଭୁଲିଯାଇ ସାଧାରଣ କଥାରେ କୋର୍ଟକୁ ଯିବା ଓ ମିଛ ମାମଲାରେ ଲୋକଙ୍କ ହଇରାଣରେ ଖୁସି ପାଇବା ଏକ ପ୍ରକାର ସଉକରେ ଭୁଲିଯିବା ଉଚିତ୍ ନୁହେଁ ଯେ ପର ପାଇଁ ଗାତ ଖୋଳିଲେ ନିଜେ ସେ ଗାତରେ ପଡ଼ିବାକୁ ହୁଏ, ନିଜେ ତ କୋର୍ଟରେ ଠିଆ ହେବାପାଇଁ ପଡ଼ିବ । ନିଜର ବୟାନ ଦେଲା ବେଳେ କାଠଗଡ଼ା ମଧ୍ୟରେ ଛିଡ଼ା ହେବାକୁ ପଡ଼ିବ । ଫୌଜଦାରୀ ମାମଲା ଅଧିକ ହେବାରୁ ସ୍ୱଷ୍ଟ ପ୍ରମାଣିତ ହୁଏ ଦେଶର ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ । ଜଣେ ମନସ୍ତତ୍ତ୍ୱବିତ୍ କହିଥିଲେ ବିଶ୍ୱରୁ ଯଦି ମଦ ଉଠିଯାଏ ତେବେ ଅଧେ ଡାକ୍ତରଖାନା, ଥାନା ଓ କୋର୍ଟ ଉଠିଯିବ । ଦେୱାନୀ ହେଉ ବା ଫୌଜଦାରୀ, ନିଶା କବଳରେ ପଡ଼ି ମଣିଷ ଅମାନିଆ ହୋଇଯାଏ, ବୁଦ୍ଧି, ବିବେକ ଶୂନ୍ୟ ହୋଇ ଅପରାଧ କରି ବସେ । ନିଜର ପ୍ରତିପତ୍ତି, ବାହାଦୁରି, ଅର୍ଥକୁ ନେଇ ହିଂସା ଓ ଗର୍ବରେ ଲୋକେ ଏମିତି ଉଚ୍ଛୁଙ୍ଖଳ ପାଖଲୋକେ ତାଙ୍କୁ ପିମ୍ପୁଡ଼ି ପରି ଦେଖାଯାନ୍ତି, ଯାହାଙ୍କୁ ପାଦରେ ଦଳିଦିଆଯାଇପାରେ । ଭାରତୀୟ ଗଣତନ୍ତ୍ରରେ ସାଧାରଣ ଜନତାଙ୍କର ଏବେ ବି ନ୍ୟାୟାଳୟ ଉପରେ ଅଖଣ୍ଡ ବିଶ୍ୱାସ ରହିଛି, ପରନ୍ତୁ ଲକ୍ଷଲକ୍ଷ ମାମଲା ସାଙ୍ଗକୁ ବିଚାରପତିଙ୍କ ଅଭାବ ନ୍ୟାୟ ଦେବାରେ ବିଳମ୍ବ ହେଉଛି । ଏହି ମାମଲା ବୋଝକୁ ହାଲୁକା କରିବା ପାଇଁ ବିଚାରପତି ନିଯୁକ୍ତି ତଥା ମିଛୁଆ ଲୋକଙ୍କୁ କଠିନ ଦଣ୍ଡର ବ୍ୟବସ୍ଥା କରାଇଲେ ଏ ବୋଝ କମିଯିବ । ସର୍ବୋପରି ଜନସାଧାରଣ ନୈତିକ ଆଦର୍ଶରେ ଅନୁପ୍ରାଣିତ ତଥା ଧର୍ମପ୍ରତି ବିଶ୍ୱାସ ରହିଲେ ମାମଲା ହାଲୁକା ହୋଇ ପାରିବ ।

# ୩ ଜିଲ୍ଲାରେ ୩୦୮୧ କୋଟିର ଉନ୍ନୟନ ପ୍ରକଳ୍ପ ଆରମ୍ଭ

## ମିଶନଶକ୍ତି ମା' ମାନଙ୍କୁ ୪୨ କୋଟି ଟଙ୍କାର ସହାୟତା

## 'ବିଜୁ ଏକ୍ସପ୍ରେସ୍ ୱେ' ବିକାଶର ନୂଆ ଇତିହାସ ଲେଖିବ: ମୁଖ୍ୟମନ୍ତ୍ରୀ





ବରଗଡ଼: ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ଆମପାଣିଠାରେ 'ବିଜୁ ଏକ୍ସପ୍ରେସ୍ ୱେ ଏବଂ ବରଗଡ଼ ଜିଲ୍ଲା ସୋହେଲା ଠାରୁ କଳାହାଣ୍ଡି ଜିଲ୍ଲା ଆମପାଣି ପର୍ଯ୍ୟନ୍ତ ବିଜୁ ଅର୍ଥନୈତିକ କରିଡର୍ ଲୋକାର୍ପଣ କରିଛନ୍ତି । ଏହା ସହିତ ସେ ଏହି ତିନିଟି ଜିଲ୍ଲାରେ ୩୦୮୧ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ମହିଳା ସଶକ୍ତୀକରଣର କର୍ଣ୍ଣଧାର ବିଜୁବାବୁଙ୍କ ଜୟନ୍ତୀ ଅବସରରେ ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ମିସନ ଶକ୍ତି ମାମାନଙ୍କୁ ୪୨ କୋଟି ଟଙ୍କାର ଋଣ ସହାୟତା ତଥା ସୁଧ ରିହାତି ମଧ୍ୟ ପ୍ରଦାନ କରିଛନ୍ତି ।

ଏହି ଅବସରରେ ଆୟୋଜିତ ସମାବେଶ ମାନଙ୍କରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜୁ ଏକ୍ସପ୍ରେସ ୱେ କେବଳ ଏକ ରାସ୍ତା ନୁହେଁ ଏହା ହେଉଛି ଏ ଅଞ୍ଚଳର ଜୀବନ ରେଖା । ଏହି ଏକ୍ସପ୍ରେସ ୱେ କେବଳ ଏ ଅଞ୍ଚଳ ନୁହେଁ ସାରା ଓଡ଼ିଶା ପାଇଁ ବିକାଶ ର ନୂଆ ଇତିହାସ ଲେଖିବ । ବିଜୁ ଏକ୍ସପ୍ରେସ ୱେ ଏ ଅଞ୍ଚଳ ପାଇଁ ଅନେକ ସୁଯୋଗ ଆଣିଛି ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ , ଚାଷୀ ପାଇଁ ବଜାର ସୁବିଧା ମିଳିବ । ଛାତ୍ରଛାତ୍ରୀମାନଙ୍କ ପାଠପଢା ପାଇଁ ସୁବିଧା, ବ୍ୟବସାୟୀ ମାନଙ୍କୁ ସୁବିଧା, ସ୍ୱାସ୍ଥ୍ୟ ସେବାରେ ଆହୁରି ଉନ୍ନତି ଆସିବ, ସାଧାରଣ ଲୋକ ମଧ୍ୟ ସୁବିଧାରେ ଯାତାୟତ ରୂପାନ୍ତର କାମକୁ ମଜଭୁତ କରିବ । ସୋହେଲାରୁ ଆମପାଣି ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସର ଦୁଇପାଖେ ବିଜୁ ଅର୍ଥନୈତିକ କରିଡର ହେବାଦ୍ୱାରା ପୁଞ୍ଜି ବିନିଯୋଗ ବଢିବ ଏବଂ ନୂଆ ନୂଆ ଶିଳ୍ପ ଗଢି ଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ସେ କଥା ନୁହେଁ କାମ ରେ ବିଶ୍ୱାସ କରନ୍ତି ବୋଲି ତାଙ୍କ ଉକ୍ତି କୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜୁ ଅର୍ଥନୈତିକ କରିଡରକୁ ପୁଞ୍ଜିପତିମାନଙ୍କୁ ଆକର୍ଷଣ କରିବା ପାଇଁ ପ୍ରୋତ୍ସାହନ ଭାବରେ ଅତିରିକ୍ତ ୩୦ ପ୍ରତିଶତ ରିହାତି ନିବିଶେକମାନଙ୍କୁ ମିଳିବ । ଶିଳ୍ପ ବିକାଶ କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଆଗୁଆ ଜମି ଅଧିଗ୍ରହଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ବିଜୁ ଅର୍ଥନୈତିକ କରିଡର ଦ୍ୱାରା ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, ନୁଆପଡା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାବାସୀ ବିଶେଷ ଭାବରେ ଉପକୃତ ହେବେ । ପଶ୍ଚିମ ଓ ଦକ୍ଷିଣ ଓଡିଶା ମଧ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ଘଟିବ । ପର୍ଯ୍ୟଟନର ମଧ୍ୟ ବିକାଶ ଘଟିବ ଘଟିପଡାରୁ ଆମପାଣି ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେରେ ଚାରିଥାକିଆ ରାସ୍ତା କାମ ରେକର୍ଡ ଏକ ବର୍ଷ ମଧ୍ୟରେ ଶେଷ ହୋଇଥିବାରୁ ମୁଖ୍ୟମନ୍ତ୍ରୀନବୀନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଓଡିଶାରେ ଭିତ୍ତିଭୂମି ବିକାଶ ପାଇଁ ଅଗ୍ରଣୀ ଭୁମିକା ନେଇଥିବା ମହାନ ଜନନାୟକ ବିଜୁ ବାବୁଙ୍କୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ବିଜୁ ବାବୁଙ୍କ ଆଦର୍ଶରେ ଏକ ସଶକ୍ତ ଓଡିଶା ଗଠନ ପାଇଁ ସେ କାମ କରି ଚାଲିଛନ୍ତି ।

ସମ୍ବଲପୁର- ରାଉରକେଲା ରାସ୍ତା ବିଜୁବାବୁଙ୍କ ପରିକଳ୍ପନା ଥିଲା । କଚ୍ଚା ରାସ୍ତାଭାବେ ପରିଚିତ ଏହି ରାସ୍ତାର ଆରମ୍ଭ ସ୍ୱର୍ଗତ ବିଜୁବାବୁ ୧୯୯୩ ମସିହାରେ ଆରମ୍ଭ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଓଡିଶା ମାଟି ଓ ଏ ମାଟିର ମଣିଷର ସ୍ୱପ୍ନ ସହ ବିଜୁବାବୁ ସବୁବେଳେ ଯୋଡିହୋଇ ରହିଥିଲେ ବୋଲି ମତ ଦେଇ ତାଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରିଙ୍କ ସମେତ, ୫ଟି ସଚିବ ଭିକେ ପାଣ୍ଡିଆନ, ବିଜେଡି ସାଂଗଠନିକ ସମ୍ପାଦକ ବବିଦାସ, ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ଅପରପକ୍ଷରେ ଖଡ଼ିଆଳକୁ ମୁନିସିପାଲଟି ସହ ସବଡିଭିଜନର ମାନ୍ୟତା, ସିନାପାଲିକୁ ଏନ୍ଏସି ସହ ଉଦନ୍ତୀ ବ୍ୟାରେଜ ନିର୍ମାଣ ପାଇଁ ଲିଖିତ ଅଭିଯୋଗ କରି ଅନୁରୋଧ କରିଛନ୍ତି ଛ ଏହି କାର୍ଯ୍ୟକ୍ରମ ନୂଆପଡା ଜିଲ୍ଲାର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା ।

# ଲକ୍ଷ୍ମୀ ମାର୍କେଟ ସ୍ୱାହା: ୪୦ କୋଟିର ସମ୍ପତ୍ତି ଭସ୍ମ




ପୁରୀ: ୩୬ ଘଣ୍ଟା ପରେ ସମ୍ପୂର୍ଣ୍ଣ ଆୟତ୍ତକୁ ଆସିଲା ପୁରୀ ମରିଚିକୋଟ ଛକରେ ଥିବା ଲକ୍ଷ୍ମୀ ମାର୍କେଟ୍ କଂପ୍ଲେକ୍ସ ନିଆଁ । ଏନେଇ ସୂଚନା ଦେଇଛନ୍ତି ସେଣ୍ଟ୍ରାଲ ରେଞ୍ଜ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝୀ । ବୁଧବାର ରାତି ପ୍ରାୟ ୮ଟା ବେଳେ ଲକ୍ଷ୍ମୀ ମାର୍କେଟ କଂପ୍ଲେକ୍ସରେ ନିଆଁ ଲାଗିଥିଲା । ଅଗ୍ନିଶମ କର୍ମଚାରୀ, ଓଡ୍ରାଫ ଟିମ୍ ଦିନରାତି ଏକ୍ କରି ନିଆଁ ଲିଭା କାମରେ ଲାଗିଥିଲେ । ପ୍ରାୟ ଦେଢ ଦିନ ଧରି ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଛି । ଅଗ୍ନିକାଣ୍ଡ ଫଳରେ ଚାରିମହଲା ବିଶିଷ୍ଟ ଏହି ମାର୍କେଟ୍ କମ୍ପ୍ଲେକ୍ସର ଦୁଇଟି ମହଲା ସମ୍ପୂର୍ଣ୍ଣ ଜଳିଯାଇଛି । ବାକି ଦୁଇଟି ମହଲାରୁ ଗୋଟିଏ ମହଲା ଆଂଶିକ ଜଳିଯାଇଛି । ଅଗ୍ନିକାଣ୍ଡରେ ୪୦ କୋଟିରୁ ଅଧିକ ଟଙ୍କାର ଆସବାବପତ୍ର ପୋଡ଼ି ଯାଇଥିବା ପ୍ରଶାସନ ପ୍ରାଥମିକ ଆକଳନ କରିଛି ।

ସମୟ ବୁଧବାର ସନ୍ଧ୍ୟା ପାଖାପାଖି ୮ଟା । ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର ୩ଶହ ମିଟର ଦୂର ମରିଚିକୋଟ ଛକରେ ଥିବା ଲକ୍ଷ୍ମୀ ମାର୍କେଟ୍ କଂପ୍ଲେକ୍ସରେ ନିଆଁ ଲାଗିଥିବା ହୁରି ପଡ଼ିଗଲା । ମୋଟା କଳା ଧୂଆଁରେ ଆଚ୍ଛାଦିତ ହୋଇଥିଲା ପୂରା ପରିବେଶ । ଯାତ୍ରୀଙ୍କଠୁ ଜନସାଧାରଣ ଓ ଦୋକାନୀ ସମସ୍ତେ ଅଣନିଃଶ୍ୱାସୀ ହୋଇଯାଇଥିଲେ । ଖବର ପାଇ ତୁରନ୍ତ ଅଗ୍ନିଶମ ଟିମ୍ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଦୋକାନ ଘରର ନିଆଁ ଆୟତ୍ତ କରି ଚାଲି ଯାଇଥିଲେ । ଯେହେତୁ ନିଆଁ ଲାଗିଥିବା ଦୋକାନ ପାଖରେ ପୋଷାକ, ଚପଲ, ପାର୍ଲର, କସମେଟିକ୍ସ ଆଦି ଦୋକାନ ରହିଥିଲା, ଏଥିରେ ଅଗ୍ନି ସଂଯୋଗ ପରେ ପ୍ରକୋପ ବିବାରେ ଲାଗିଥିଲା । ଚାହୁଁଚାହୁଁ ସବୁକିଛି ହୁତୁହୁତୁ ହୋଇ ଜଳିଥିଲା । ପ୍ରଥମେ ପୁରୀ, କୋଣାର୍କ ଓ ଗୋପର ଅଗ୍ନିଶମ ବାହିନୀ ଆସି ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ମାର୍କେଟ୍ କମ୍ପ୍ଲେକ୍ସର ତଳମହଲାରେ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ପାଣି ମାଡ଼ କରି ବି ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରି ପାରିନଥିଲେ । ସଂକୁଚିତ ପ୍ରବେଶ ପଥରେ ଭିତରକୁ ଯିବାକୁ ଉଦ୍ୟମ କରି ୫ରୁ ଅଧିକ ଆଗ୍ନିକ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ । ଫଳରେ ଗ୍ରାଉଣ୍ଡ୍ ଫ୍ଲୋରରେ ଥିବା ୪୨ଟି ଦୋକାନ ଗୋଟିଏ ପରେ ଗୋଟିଏ ସମ୍ପୂର୍ଣ୍ଣ ଜଳିଯାଇଥିଲା । ଦୋକାନଗୁଡ଼ିକର ସଟର୍ ତାଲା ଲାଗିଥିବାରୁ ଏହା ଭିତରକୁ ପାଣି ପଶି ପାରିନଥିଲା । ପରେ କଟକ ଓ ଭୁବନେଶ୍ୱରରୁ ଅଗ୍ନିଶମ ବାହିନୀ ଆସି ରାତିତମାମ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ନିଆଁର ପ୍ରକୋପ ବି ଏହା ପ୍ରଥମ ମହଲାକୁ ବ୍ୟାପିଯାଇଥିଲା । ପ୍ରଥମ ମହଲାରେ ଥିବା ପୋଷାକ ଦୋକାନ, ବ୍ୟାଙ୍କ ବି ଜଳିଯାଇଛି । ଦ୍ୱିତୀୟ ମହଲା ଓ ତୃତୀୟ ମହଲାରେ ସମ୍ରାଟ ହୋଟେଲ ଚାଲିଥିବା ବେଳେ ଏହି ମହଲାକୁ ନିଆଁ ଡେଇଁବା ପୂର୍ବରୁ ଅଗ୍ନିଶମ ବାହିନୀ ପାଣିମାଡ଼ କରି ତଳ ଦୁଇ ମହଲାରେ ନିଆଁକୁ ନିୟନ୍ତ୍ରଣ କରି ରଖିଛନ୍ତି ।

ସେପଟେ କୋରାପୁଟ ଜିଲ୍ଲା ଜୟପୁର, ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଓ ମହାରାଷ୍ଟ୍ରରୁ ଆସି ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଥିବା ହୋଟେଲ୍‌ରୁ ୧୫୦ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ନିଆଁ ଲାଗିବା ବେଳକୁ ସମ୍ରାଟ୍ ହୋଟେଲର ୩୫ଟି ରୁମରେ ଥିଲେ ମହାରାଷ୍ଟ୍ର ନାସିକରୁ ଆସିଥିବା ୧୧୦ ପର୍ଯ୍ୟଟକ । ସେହିଭଳି ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳରୁ ଏକ ପରିବାର ବ୍ରତଘର ଉତ୍ସବ ପାଳନ ଲାଗି ଏଇ ହୋଟେଲରେ ଆୟୋଜନ ବି କରିଥିଲେ । ବନ୍ଧୁବାନ୍ଧବଙ୍କୁ ମିଶାଇ ପ୍ରାୟ ୪୦ରୁ ଅଧିକ ସଦସ୍ୟ ଅପେକ୍ଷା କରିଥିଲେ । ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ଗୁରୁବାର ଦିନ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, କେନ୍ଦ୍ରାଞ୍ଚଳ ଆର୍ଡିସି ସୁରେଶ ଚନ୍ଦ୍ର ଦଳାଇ, ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ, ଡିଆଇଜି ଚରଣ ସିଂହ ମୀନା ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ପିଆଜ ପାଇଁ ରକ୍ତର ଚିଠି

ନାସିକ : ସାରା ଦେଶକୁ ପିଆଜ ଯୋଗାଉଥିବା ମହାରାଷ୍ଟ୍ର ନାସିକର ପିଆଜ ଚାଷୀ ଏବେ ଭୀଷଣ ସମସ୍ୟା ଦେଇ ଗତି କରୁଛନ୍ତି । ଏପରିକି ପିଆଜକୁ ବଜାରରେ ନେଇ ବିକିବା ଅପେକ୍ଷା ସେମାନେ ପିଆଜ ଫସଲରେ ନିଆଁ ଲଗାଇଦେଉଛନ୍ତି । କଠିନ ପରିଶ୍ରମ ଓ ଟଙ୍କା ଖର୍ଚ୍ଚ କରି ପିଆଜ ଉତ୍ପାଦନ କରୁଥିଲେ ମଧ୍ୟ ଚାଷୀଙ୍କୁ ମିଳୁନି ଉଚିତ୍ ଦାମ । ପିଆଜ ଦାମ ଅତ୍ୟନ୍ତ କମ ଥିବାରୁ ଚାଷୀମାନେ ଉତ୍ପାଦନ ଖର୍ଚ୍ଚ ମଧ୍ୟ ପାଉ ନାହାନ୍ତି ।

ଏବେ ନାସିକରେ ପିଆଜ କିଲୋପ୍ରତି ୨ ଟଙ୍କାରେ ବିକ୍ରି ହେଉଥିବାରୁ ଚାଷୀମାନେ ନିଜ ଫସଲ ବିକ୍ରି କେମିତି କରିବେ ବୋଲି ଚାଷୀ କହୁଛନ୍ତି । ଚାଷ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ବିକ୍ରିରୁ ନିଜ ପରିଶ୍ରମର ଅର୍ଥମଧ୍ୟ ମିଳୁନାହିଁ । ଚାଷୀମାନେ ଅପେକ୍ଷା କରିଥିଲେ କି ସରକାର ତାଙ୍କ ଦୁଃଖ ବଝିବେ କିନ୍ତୁ ତାହା ହୋଇନାହିଁ । ଯାହା ଫଳରେ ବାଧ ହୋଇ ନିଜ ସୁନାର ଫସଲ ବିକ୍ରି କରିବା ବଦଳରେ ନିଜ ପିଆଜ କ୍ଷେତରେ ନିଆଁ ଲଗାଇଦେଇଛି ଚାଷୀ । ନାସିକର ଚାଷୀଙ୍କ ସମସ୍ୟା କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ସବୁ ଜାଣି ମଧ୍ୟ କେବଳ ନୀରବତା ଅବଲମ୍ବନ କରୁଛନ୍ତି । ସରକାରଙ୍କ ଏପରି ଆଭିମୁଖ୍ୟରେ ଅତିଷ୍ଠ ହୋଇ ମହାରାଷ୍ଟ୍ରର ନାଶିକରେ ଜଣେ ଚାଷୀ ନିଜ ପିଆଜ ଫସଲକୁ ସଂପୂର୍ଣ୍ଣ ଭାବେ ଜାଳି ଦେଇଛନ୍ତି । ମାସାଧିକ କାଳ ପରିଶ୍ରମ କରି ସେ ପିଆଜ ଚାଷ କରିଥିଲେ ମଧ୍ୟ ସରକାରଙ୍କ ଉପରେ ରାଗି ସେସବୁରେ ନିଆଁ ଲଗାଇ ଦେଇଛନ୍ତି ।

ନାଶିକର ୟେଓଲା ତାଲୁକାର କ୍ରିଷ୍ଣା ଜଡୋଙ୍ଗେରେ ୧.୫ ଏକର ଜମିରେ ପିଆଜ ଚାଷ କରିଥିଲେ । ପିଆଜର ଉଚିତ୍ ମୂଲ୍ୟ ମିଳିବା ଆଶା ନ ଥିବାରୁ ସେ ପିଆଜକୁ ବିକ୍ରି ନ କରି ଏଥିରେ ନିଆଁ ଲଗାଇ ନଷ୍ଟ କରି ଦେଇଛନ୍ତି । ଅନ୍ୟପଟେ କ୍ରିଷ୍ଣା କହିଛନ୍ତି ୧୫ ଦିନ ତଳେ ସେ ପିଆଜ ଚାଷୀଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ତାଙ୍କ ନିଜ ରକ୍ତରେ ଗୋଟିଏ ଚିଠି ଲେଖିଥିଲେ । ଏଥିରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀଙ୍କ ପିଆଜ ପୋଡ଼ି ଉତ୍ସବ ଦେଖିବାକୁ ନିମନ୍ତ୍ରଣ କରିଥିଲେ । ତଥାପି ତାଙ୍କ ଦୁଃଖ କେହି ବି ନଥିଲେ । ୧୫ ଦିନ ଭିତରେ କୌଣସି ସରକାରୀ ଅଧିକାରୀ ଚାଷୀଙ୍କ ସମସ୍ୟା ବୁଝିବାକୁ ଆସିନଥିଲେ । ଫଳରେ ସେ ବାଧ ହୋଇ ଆଜି ପିଆଜ ଫସଲରେ ନିଆଁ ଲଗାଇ ଦେଇଛନ୍ତି ।

# 'ଆଡେନୋଭାଇରସ୍' ଆତଙ୍କ

## ପଶ୍ଚିମବଙ୍ଗରେ ୯ ଦିନରେ ଗଲାଣି ୪୦ ଶିଶୁଙ୍କ ଜୀବନ

କୋଲକାତା: ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରେ ଏବେ ଆଡେନୋଭାଇରସ୍'ର ଆତଙ୍କ ବଢିବାରେ ଲାଗିଛି । ଏହି ଭୂତାଣୁରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢି ଚାଲିଥିବା ବେଳେ ସରକାରୀ ଏବଂ ଘରୋଇ ହସ୍ପିଟାଲଗୁଡିକରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ରବିବାର ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ୬ ଶିଶୁଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଛି । ଏହାକୁ ମିଶାଇ ଗତ ୯ ଦିନ ମଧ୍ୟରେ ୪୦ ଶିଶୁଙ୍କ ମୃତ୍ୟୁ ହୋଇସାରିଥିବା କୁହାଯାଇଛି । ଆଡେନୋଭାଇରସ୍' ଭୂତାଣୁ ଯେକୌଣସି ସମୟରେ ଏବଂ ଛୋଟ ଠାରୁ ବୟସ୍କ ଲୋକଙ୍କୁ ସଂକ୍ରମିତ କରିପାରେ । ତେବେ ପଶ୍ଚିମବଙ୍ଗରେ ବିଗତ ଦୁଇ ସପ୍ତାହ ମଧ୍ୟରେ ସର୍ବାଧିକ ଶିଶୁ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି । ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ସରକାରୀ ଏବଂ ଘରୋଇ ଡାକ୍ତରଖାନାର ଶିଶୁ ବିଭାଗକୁ ସତର୍କ କରିଦିଆଯାଇଛି । ବର୍ତ୍ତମାନ ରାଜ୍ୟରେ କୌଣସି ଫ୍ଳୁ ଦେଖାଯାଇ ନଥିବା କୁହାଯାଇଥିଲେ ହେଁ ଶିଶୁମାନଙ୍କ ଠାରେ ଏହି ଭୂତାଣୁକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ଚିନ୍ତାଜନକ ହୋଇପଡ଼ିଛି । ଯେଉଁ ଶିଶୁମାନଙ୍କ ନିକଟରେ ଏହି ଭୂତାଣୁର ଲକ୍ଷଣ ଦେଖାଯାଉଛି ସେମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଜାରି କରାଯାଇଛି । ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଲେ ଥଣ୍ଡା ଏବଂ ଜ୍ୱର ଲାଗି ରହିବା ସହିତ ଗଳାରେ ପୀଡ଼ା ଏବଂ ଦରଜ ରହିବ ।





# ଡାକୋଟା କହୁଛି ବିଜୁ କାହାଣୀ

## ପୁନର୍ଜନ୍ମ ପାଇଲା ବିଜୁ ବାବୁଙ୍କ ଡାକୋଟା ବିମାନ

ପ୍ରତୀକ୍ଷାରେ ଅନ୍ତ, ଉତ୍କଣ୍ଠାରେ ପୂର୍ଣ୍ଣଚ୍ଛେଦ । ପୁନର୍ଜନ୍ମ ପାଇଲା କୋଲକାତାରେ ଅବହେଳିତ ବିଜୁ ବାବୁଙ୍କ ଦକ୍ଷ ପାଇଲଟିଂ କୌଶଳ ଓ ପରାକ୍ରମର ଏକାନ୍ତ ମୁକସାକ୍ଷୀ ଡାକୋଟା ବିମାନ । ଏକଦା ପ୍ରବାଦ ପୁରୁଷଙ୍କ ସାହସିକତା ଓ ର୍ନିଭିକତା ଗୁଣର ପରିଚାୟକ ଥିବା ଏହି ଡାକୋଟା ବିମାନ ଦୀର୍ଘ ୬ ଦଶନ୍ଧି ପରେ ପୁଣି ମୁଣ୍ଡ ଟେକି ଛିଡ଼ା ହୋଇଛି । ବିଜୁ ବାବୁଙ୍କ ସନ୍ତକ ଓ ଅପାସୋରା ସ୍ମୃତି ବିଜଡ଼ିତ ଡାକୋଟା ବିମାନକୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରର ଟର୍ମିନାଲ୍ ୱାନ୍ ସମ୍ମୁଖରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି । ଡାକୋଟାକୁ ଆଖି ପୁରାଇ ଦେଖିବା ସହ ବିଜୁଙ୍କ ଭଳି ଦକ୍ଷ ଓ ଦୁଃସାହସିକ ପାଇଲଟଙ୍କର ସେ ପୁରୁଣା ସ୍ମୃତିକୁ ରୋମନ୍ଥନ କରିଛନ୍ତି ଲୋକେ ।

୧୯୪୬ ପୂର୍ବରୁ ରୟାଲ ଇଣ୍ଡିଆନ୍ ଏୟାର ଫୋର୍ସର ପାଇଲଟ ଥିବା ବିଜୁ ବାବୁ ସେତେବେଳେ ଏହି ଡାକୋଟା ବା ଡଗଲାସ ଡିସି ୩ ବିମାନକୁ ର୍ନିଭିକତାର ସହ ଉଡ଼ାଉଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ, କାଶ୍ମୀର ଯୁଦ୍ଧ, ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ଏବଂ ରେଙ୍ଗୁନରୁ ବ୍ରିଟିଶ ରାଜ ପରିବାରକୁ ଉଦ୍ଧାର ଆଦି ଏକାଧିକ ଦୁସାହସିକ କାର୍ଯ୍ୟ ଲାଗି ଏହି ଡାକୋଟା ବିମାନକୁ ବ୍ୟବହାର କରି ଅତି ଦକ୍ଷତାର ସହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ବିମାନରେ ବିଜୁ ବାବୁଙ୍କର ବୀରତ୍ୱର ଓ ପରାକାଷ୍ଠାର କାହାଣୀ ରହିଛି । ଏଥିରେ ବିଜୁ ବାବୁ, ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ସହିତ ଇଣ୍ଡୋନେସିଆ ଯାଇ ସେଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଡଚ୍ମାନଙ୍କ କବଳରୁ ମୁକ୍ତ କରି ଭାରତ ଆଣିଥିଲେ । ସେ କାହାଣୀ ଆଜି ସମସ୍ତେ ଜାଣନ୍ତି । କିନ୍ତୁ ଆଜିଠାରୁ ସେହି ଐତିହାସିକ ଘଟଣାର ଜୀବନ୍ତ ସାକ୍ଷୀକୁ ଦେଖିବାକୁ ସର୍ବସାଧାରଣ ସୁଯୋଗ ପାଇବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିମାନ ଏବେ ଯୁଗ ଯୁଗ ଧରି ଓଡ଼ିଆମାନଙ୍କୁ ସାହସ, ବୀରତ୍ୱ ଓ ଦେଶ ପାଇଁ ସମର୍ପଣ ଭାବର ବାର୍ତ୍ତା ଦେଇ ଚାଲିବ । ବିଶ୍ୱବାସୀଙ୍କ ସମ୍ମୁଖରେ ଓଡ଼ିଶାର ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିବ । ୧୯୪୭ରେ ସେ କଳିଙ୍ଗ ଏୟାରଲାଇନ୍ସ ପ୍ରତିଷ୍ଠା କରି ଏହି ଡାକୋଟା ବିମାନକୁ ସେଥିରେ ସାମିଲ କରିଥିଲେ । ତେବେ ୧୯୭୨ରେ ଡାକୋଟାର ପ୍ରଚଳନ ବନ୍ଦ ହେବା ପରଠ କୋଲକାତା ବିମାନବନ୍ଦରରେ ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା ଡାକୋଟା । ଗତ ଜାନୁଆରୀ ୧୭ ତାରିଖରେ ଏହି ବିମାନକୁ ୩ ଭାଗ କରି ସଡ଼କ ପଥରେ ଭୁବନେଶ୍ୱର ଅଣାଯାଇଥିଲା । ଭୁବନେଶ୍ୱରର ଏରୋସ୍ପେସ୍ ରିସର୍ଚ୍ଚ ଆଣ୍ଡ ଡେଭଲପ୍ମେଣ୍ଟ୍ ଅନୁଷ୍ଠାନର ଏକ ୩୦ ଜଣିଆ ଟିମ୍ ଏହି ବିମାନ ଆଣିବାଠୁ ସଂସ୍ଥାପନ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେଇଥିଲା । ଡାକୋଟା ଏବେ ପୁନର୍ଜନ୍ମ ପାଇ ନିଜ ସ୍ଥିତାବସ୍ଥାକୁ ଫେରିବା ପରେ ଭୁବନେଶ୍ୱର ବିମାନବନ୍ଦରର ଟର୍ମିନାଲ ୧ ସମ୍ମୁଖରେ ର୍ନିମିତ ସ୍ବତନ୍ତ୍ର ପେଡେଷ୍ଟାଲ ଉପରେ ଅବସ୍ଥାପିତ ହୋଇଛି । ଏହାର ମରାମତି, ନବୀକରଣ ଓ ପୁନଃସ୍ଥାପନ ଲାଗି ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।


























# ଶ୍ରୁତିଙ୍କ ଲଭ୍ ଗେମ୍



ଗ୍ଲାମର ଦୁନିଆର ଲେଭ୍ ଗେମ୍ କିଛି ନୂଆ କଥା ନୁହେଁ । ସେ ନାୟକ ହୁଅନ୍ତୁ କି ନାୟିକା । ପ୍ରେମିକ-ପ୍ରେମିକା ବଦଳାଇବା ଏକ ଟ୍ରେଣ୍ଡ୍ ହୋଇଯାଇଛି । ଏବେ ଏମିତି ଜଣେ ନାୟିକାଙ୍କ କଥା କହିବା ଯାହାଙ୍କ ପ୍ରେମିକ ତାଲିକାରେ ୬ ଜଣଙ୍କ ନାଁ ଯୋଡ଼ି ହୋଇ ଯାଇଛି । ଯେତେବେଳେ ଗ୍ଲାମର୍ ଦୁନିଆର ବିନ୍ଦାସ୍ ଲେଡିଙ୍କ କଥା ଆସେ ସେତେବେଳେ ଶ୍ରୁତି ହାସନଙ୍କ ନାଁ ଆସେ । ସେ ସାଉଥ୍ ଗ୍ଲାମରସ୍ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ, ଯିଏ ଅଭିନୟ ସହିତ ନିଜର ଫ୍ୟାଶନ୍ ସେନ୍ସକୁ ନେଇ ବେଶ ଜଣାଶୁଣା । ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । ଆଜିକାଲି ଶ୍ରୁତି ଓ ଶାନ୍ତନୁ ହଜାରିକାଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଛି । କିନ୍ତୁ ହଜାରିକାଙ୍କ ପୂର୍ବରୁ ସେ କ୍ରିକେଟର୍ଙ୍କ ଠାରୁ ଆରମ୍ଭ କରି ଗାୟକ ଏବଂ ଅଭିନେତାଙ୍କୁ ମଧ୍ୟ ଡେଟ୍ କରିଛନ୍ତି ।



**ଶ୍ରୁତି-ସିଦ୍ଧାର୍ଥ:** ଦିନେ ଶ୍ରୁତି ଓ ସିଦ୍ଧାର୍ଥଙ୍କ ପ୍ରେମ ସମ୍ପର୍କ ଚର୍ଚ୍ଚାରେ ଥିଲା । ଏକ ବର୍ଷ ପାଇଁ ଡେଟିଂ କରିବା ପରେ, ଉଭୟଙ୍କ ୨୦୧୧ ମସିହାରେ ବ୍ରେକ୍‌ଅପ୍ ହୋଇଥିଲା । କୁହାଯାଏ ଯେ ଅଭିନେତ୍ରୀ ସିଦ୍ଧାର୍ଥଙ୍କ ପ୍ରେମରେ ପାଗଳ ହୋଇଯାଇଥିଲେ । ଏନେଇ ଅନେକ ଥର ସେ ବଲିଉଡ୍‌ର ଭଲ ଅଫରକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ ।


**ଶ୍ରୁତି-ଧନୁଷ:** ଶ୍ରୁତିଙ୍କ ନାମ ସୁପର୍ଷ୍ଟାର ଧନୁଷ ସହିତ ମଧ୍ୟ ଜଡିତ । କୁହାଯାଏ ଯେ ଧନୁଷ ତାଙ୍କ ପତ୍ନୀ ଐଶ୍ୱର୍ଯ୍ୟା ରଜନୀକାନ୍ତଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର '୩' ର ସୁଟିଂ ସମୟରେ ଅଭିନେତା ଶ୍ରୁତି ହାସନଙ୍କ ନିକଟତର ହୋଇଥିଲେ । ଏହାକୁ ନେଇ ଚର୍ଚ୍ଚା ମଧ୍ୟ ଜୋର ଧରିଥିଲା । କିନ୍ତୁ ପରେ ଐଶ୍ୱର୍ଯ୍ୟା ଏହାକୁ ଗୁଜବ କହି ପ୍ରତ୍ୟାଖାନ କରିଥିଲେ । ଶ୍ରୁତି ମଧ୍ୟ ତାଙ୍କ ନିରବତାକୁ ଭାଙ୍ଗି ଧନୁଷଙ୍କ ସହ ସମ୍ପର୍କକୁ ଗୁଜବ ବୋଲି କହିଥିଲେ ।

**ଶ୍ରୁତି-ନାଗା ଚୈତନ୍ୟ:** ଶ୍ରୁତିଙ୍କ ଆଫେୟାର ତାଲିକାରେ ସାମନ୍ତାଙ୍କ ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କ ନାମ ମଧ୍ୟ ରହିଛି, ଯିଏକି ବର୍ତ୍ତମାନ ତାଙ୍କ କ୍ୟାରିୟରର ଶିଖରରେ ଅଛନ୍ତି । ସାମନ୍ତାଙ୍କ ପୂର୍ବରୁ ଅଭିନେତା ୨୦୧୩ରେ ଶ୍ରୁତି ହାସନଙ୍କ ପ୍ରେମରେ ପଡିଥିଲେ । ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ପୁରସ୍କାରର ଏକ ରାତିରେ ଉଭୟ ପରସ୍ପରଙ୍କ ନିକଟତର ହୋଇଥିଲେ । ଖବର ଅନୁଯାୟୀ, ଅଭିନେତା ମଧ୍ୟ ଶ୍ରୁତିଙ୍କୁ ବିବାହ କରିବାକୁ ଚାହୁଁଥିଲେ, କିନ୍ତୁ କିଛି ଭୁଲ ବୁଝାମଣା ହେତୁ ଖୁବ୍ ଶୀଘ୍ର ସେମାନଙ୍କ ସମ୍ପର୍କ ଭାଙ୍ଗିଯାଇଥିଲା ।

**ଶ୍ରୁତି-ସୁରେଶ ରାଇନା:** କ୍ରିକେଟର ଏବଂ ଚଳଚ୍ଚିତ୍ର ତାରକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ କିଛି ନୂଆ କଥା ନୁହେଁ । ଅନୁଷ୍କା ଶର୍ମା ଏବଂ ବିରାଟ କୋହଲିଙ୍କ ଠାରୁ ଆଥିଆ ଶେଟ୍ଟୀ ଏବଂ କେ.ଏଲ୍ ରାହୁଲଙ୍କ ପର୍ଯ୍ୟନ୍ତ ଏହା ଏକ ଟ୍ରେଣ୍ଡରେ ପରିଣତ ହୋଇଯାଇଛି । ସେହିଭଳି ୨୦୧୪ରେ ଚାରିଆଡେ ଚର୍ଚ୍ଚା ହେଉଥିଲା ଯେ ପ୍ରସିଦ୍ଧ କ୍ରିକେଟର ସୁରେଶ ରାଇନା ଗ୍ଲାମରସ୍ ଅଭିନେତ୍ରୀ ଶ୍ରୁତି ହାସନଙ୍କ ସହ ପ୍ରେମ ସମ୍ପର୍କରେ ଅଛନ୍ତି । ରିପୋର୍ଟ ଅନୁଯାୟୀ ଅଭିନେତ୍ରୀ ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ୍ ପାର୍ଟୀରେ ସୁରେଶ ରାଇନାଙ୍କୁ ଭେଟିଥିଲେ । ସେତେବେଳେ ଉଭୟ ପରସ୍ପରର ନିକଟତର ହୋଇଥିଲେ । ପରେ ସେ ତାଙ୍କ ସୁରେଶଙ୍କ ସାଥୀ ହୋଇଗଲେ କାରଣ। ସେ ଶ୍ରୁତିଙ୍କୁ ତାଙ୍କର 'ଲକୀ ମାସ୍କଟ୍' ବୋଲି ଭାବୁଥିଲେ ।

**ଶ୍ରୁତି-ମାଇକେଲ୍:** ଲଣ୍ଡନରେ ଏକ କନ୍ସର୍ଟ ପାର୍ଟିରେ ମାଇକେଲ୍ ଏବଂ ଶ୍ରୁତି ସାକ୍ଷାତ ହୋଇଥିଲେ । ସେବେଠାରୁ ସେ ଦୀର୍ଘଦିନ ଲଣ୍ଡନସ୍ଥିତ ମାଇକେଲ୍ କର୍ସେଲଙ୍କ ସହ ସର୍ବସାଧାରଣରେ ଯୋଗଦେବାକୁ କେବେ ବି ପଛଘୁଞ୍ଚା ଦେଇ ନାହାଁନ୍ତି । ଯଦିଓ ଅଭିନେତ୍ରୀ ମାଇକେଲ୍‌ଙ୍କ ସହ ତାଙ୍କ ସମ୍ପର୍କକୁ ସର୍ବସାଧାରଣରେ ଗ୍ରହଣ କରିନାହାଁନ୍ତି, କିନ୍ତୁ ରୋମାଣ୍ଟିକ କ୍ୟାପ୍ସନ୍ ସହିତ ସେମାନଙ୍କର ଆକର୍ଷଣୀୟ ଇନଷ୍ଟାଗ୍ରାମ ଫଟୋ ସବୁ କୁହେ ।

# ଖରାଦିନେ ଲସି: ମିଳେ ଏହି ଲାଭ



ଖରାଦିନରେ କିଛି ସ୍ୱତନ୍ତ୍ର ପାନୀୟ ପିଇବା ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ପେଟ ଥଣ୍ଡା ରହିବା ସହ ପେଟ ଜନିତ ବହୁ ସମସ୍ୟା ଦୂର ହୋଇଥାଏ । ଖରାଦିନରେ ବିଶେଷ କରି ଦହି ଲସି ଓ ସରବତ ପିଇବା ଖୁବ ଲାଭଦାୟକ । ଜାଣନ୍ତୁ ଏହା ର ଉପକାରୀ ଗୁଣ ବିଷୟରେ ।

୧- ଖରାଦିନରେ ଦହି ପିଇବା ଦ୍ୱାରା ପେଟ ଥଣ୍ଡାସହ ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

୨- ଯେଉଁମାନଙ୍କ ଅନିଦ୍ରା ଜନିତ ସମସ୍ୟା ରହିଛି, ସେମାନେ ଦହି ପିଇବା ଖୁବ୍ ହିତକାରକ ।

୩- ଦହିରେ ଉତ୍ତମ ବ୍ୟାକ୍ଟେରିଆ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ସହ ଖାଦ୍ୟ ହଜମ ହେବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ଯୋଗାଇଥାଏ ।

୪- ଯେଉଁମାନଙ୍କ କୋଷ୍ଠକାଠିନ୍ୟ ଜନିତ ସମସ୍ୟା ରହୁଛି, ସେମାନେ ଦହି ସହ ଜୁଆଣୀ ମିଶାଇ ପିଇବା ବେଶ ଲାଭଦାୟକ ।

୫- ପେଟ ସଫା ରଖିବା ପାଇଁ ଦହି ସରବତରେ ପୁଦିନାପତ୍ର ମିଶାଇ ପିଅନ୍ତୁ ।

୬- ଯେଉଁମାନଙ୍କର ଖାଦ୍ୟ ହଜମ ଜନିତ ସମସ୍ୟା ରହିଛି, ସେମାନେ ନିୟମିତ ଜିରାଗୁଣ୍ଡକୁ ଦହିରେ ମିଶାଇ ପିଅନ୍ତୁ ।

୭- ନିୟମିତ ଖରାଦିନରେ ଗୋଟେ ଗ୍ଲାସ୍ ଦହି ସରବତ ପିଇବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ମିଳିବା ସହ ହାଲିଆ ଅନୁଭବ ହୋଇନଥାଏ ।

୮- ଦହି ସରବତରେ ଭିଟାମିନ ସି, ଏ, ଇ ଓ ବି ରହିଛି । ଯାହା ଶରୀରକୁ ଅନେକ ପୋଷକ ତତ୍ତ୍ୱ ଯୋଗାଇଥାଏ ।

୯- ନିୟମିତ ଦହିରେ ଅଳ୍ପ ପାଣି ମିଶାଇ ଏଥିରେ ଚିନି ପକାଇ ପେଷି ଦିଅନ୍ତୁ । ଏହାକୁ ନିୟମିତ ପିଇଲେ ପେଟ ଥଣ୍ଡା ରହିବା ସହ ପେଟ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ । ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଶକ୍ତି ମିଳିଥାଏ ।



# ମଜଭୂତ କେଶ ପାଇଁ ସୋରିଷ ତେଲ

ବର୍ତ୍ତମାନ ସମୟରେ ଦୁର୍ବଳ ଓ ଶୁଷ୍କ କେଶ ପାଇଁ ସଭିଏଁ ଚିନ୍ତିତ । ପ୍ରଦୂଷଣ, ଭୁଲ ଖାଦ୍ୟପେୟ, କେମିକାଲ ଯୁକ୍ତ ଜିନିଷର ବ୍ୟବହାର କେଶ ଝଡିବାର ମୁଖ୍ୟ କାରଣ । ତେଣୁ କେଶର ଅଧିକ ଯତ୍ନ ନେବା ଆବଶ୍ୟକ । ମଜଭୂତ କେଶ ପାଇଁ ସୋରିଷ ତେଲର ମାସ୍କ ବେଶ ଲାଭଦାୟକ । ଜାଣନ୍ତୁ କିଭଳି ଏହାକୁ ପ୍ରସ୍ତୁତ କରିବେ...




- ପ୍ରଥମେ ଏକ ପାତ୍ରରେ କଦଳୀକୁ ଭଲ ଭାବେ ଚକଟି ଦିଅନ୍ତୁ । ଏଥିରେ ଗୋଟିଏ ଚାମଚ ସୋରିଷ ତେଲ ଓ ଅଧ କପ ଦହି ମିଶାନ୍ତୁ । ଏହି ମିଶ୍ରଣକୁ କେଶର ମୂଳରେ ଲଗାନ୍ତୁ । ୩୦ ମିନିଟ୍ ଯାଏଁ ଏହାକୁ କେଶରେ ଲଗାଇ ରଖି ଧୋଇ ଦିଅନ୍ତୁ । ସପ୍ତାହକୁ ୨ଥର ଏହି ପ୍ୟାକ୍ ବ୍ୟବହାର କରି ପାରିବେ ।
- କେଶକୁ ମଜଭୂତ କରିବା ପାଇଁ ୩ ଚାମଚ ଏଲୋଭେରା ଜେଲ୍, ୨ ଚାମଚ ସୋରିଷ ତେଲକୁ ଭଲ ଭାବେ ମିଶାନ୍ତୁ । ଏହି ମିଶ୍ରଣକୁ କେଶରେ ଲଗାଇ ଧୋଇ ଦିଅନ୍ତୁ ।
- ଏକ ପାତ୍ରରେ ଅଣ୍ଡାକୁ ଭାଙ୍ଗି ଭଲ ଭାବେ ଫେଣ୍ଟି ଦିଅନ୍ତୁ । ଏଥିରେ ସୋରିଷ ତେଲ ମିଶାନ୍ତୁ ଏହି ମିଶ୍ରଣକୁ କେଶରେ ଲଗାଇ କିଛି ସମୟ ରଖି ଧୋଇ ଦିଅନ୍ତୁ ।
- ମେଥି ଦାନାକୁ କିଛି ସମୟ ପାଣିରେ ବତୁରାଇ ଦିଅନ୍ତୁ । ଏହାପରେ ଏହାକୁ ପେଷି ପେଷ୍ଟ କରି ଦିଅନ୍ତୁ । ଏବେ ଏଥିରେ ଲେମ୍ବୁ ରସ ଓ ସୋରିଷ ତେଲ ଭଲ ଭାବେ ମିଶାଇ ଦିଅନ୍ତୁ । ଏହାକୁ କେଶ ମୂଳରେ ଭଲ ଭାବେ ଲଗାନ୍ତୁ । ପ୍ରାୟ ୩୦ ମିନିଟ ପରେ ଏହାକୁ ଧୋଇ ଦିଅନ୍ତୁ ।



# ସ୍କୁଲ୍ ହତା ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

କଳାହାଣ୍ଡି: କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଗଦା ହୋଇଛି ମଦ ବୋତଲ ଓ ଜରି ପାଉଚ । ଏହି ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ରହିଛି । ତେବେ ପ୍ରଶ୍ନଉଠେ ଏହି ମଣିଷ ତିଆରି କାରଖାନା ଆଗରେ ଅମଣିଷମାନଙ୍କ ଅସାମାଜିକ କାର୍ଯ୍ୟକଳାପ କେତେଦୂର ଠିକ୍ ? ଅସାମାଜିକ ବ୍ୟକ୍ତିମାନେ ଯେତେବେଳେ ଇଚ୍ଛା ସ୍କୁଲ ଭିତରକୁ ପଶି ଆସୁଛନ୍ତି, ମଦ ପିଉଛନ୍ତି ଓ ବୋଲତ ବାଡ଼େଇ ଗୁଣ୍ଡ କରି ସ୍କୁଲ ପରିସରରେ ଫୋପାଡୁଛନ୍ତି । ଏହି କାଚ ସ୍କୁଲ ପିଲାଙ୍କ ଗୋଡ଼ରେ ଗଳୁଛି । ସେମାନେ ଆହତ ହେଉଛନ୍ତି । ମଦ, ଜରି ପଡ଼ି ଆଖପାଖ ଅବସ୍ଥା ଏମିତି ଯେ, ପାଠ ପଢ଼ିବା ଦୂରର କଥା ନାକରେ ହାତ ନଦେଇ ଭିତରକୁ ପଶି ହେବନି । ଗନ୍ଧମୟ ପରିବେଶରେ ସବୁଦିନ କୁନି କୁନି ପିଲାମାନେ ପାଠ ପଢିବାକୁ ଯାଉଛନ୍ତି । ଏଭଳି ଦୃଶ୍ୟ ଏବେ ଅଭିଭାବକ ମହଲରେ ଉଦ୍‌ବେଗର ବିଷୟ ହୋଇଛି ।

ପାଚେରି ନ ଥିବାରୁ ପରିସରରେ ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଉଛନ୍ତି । କ୍ୟାମ୍ପସରେ ମଦ ବୋତଲ ଗଡୁଛି । ଅନାବନା ଗଛ ସାଙ୍ଗକୁ ଆଖପାଖ ଲୋକେ ଅଳିଆ ଆବର୍ଜନା ପକାଉଥିବାରୁ ପରିବେଶ ଅପରିଷ୍କାର ହୋଇଯାଇଛି । କ୍ୟାମ୍ପସ ପରିସରରେ ଗାଈ, ଗୋରୁ ପଶି ଯାଉଥିବାରୁ ବିଭିନ୍ନ ସମୟରେ ଛୋଟ ପିଲାମାନେ ମଧ୍ୟ ଆହତ ହେଉଛନ୍ତି । ବର୍ଷା ମାସରେ ଅସରାଏ ବର୍ଷା ହେଲେ ସ୍କୁଲ ପରିସରରେ ପାଣି ଜମୁଥିବାରୁ ଶ୍ରେଣୀଗୃହକୁ ଯିବା ପାଇଁ ପିଲାମାନଙ୍କୁ ନାକେଦମ ହେବାକୁ ପଡୁଛି । ଏଠାରେ ଯେଉଁଭଳି ପରିବେଶ ରହିଛି ସେଥିରେ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖା ଦେଇଛି । ଶିକ୍ଷାନୁଷ୍ଠାନରୁ ମାତ୍ର ୧୦୦ ମିଟର ଦୂରରେ ପୁଲିସ ଷ୍ଟେସନ । ତଥାପି ସନ୍ଧ୍ୟା ହେଲେ ମଦୁଆ, ଜୁଆଡି ଓ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ର ପାଖରେ ସଟ୍ଟା ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ସହିତ ଖୋଲାଖୋଲି ପୁଲିସ ପ୍ରଶାସନକୁ ଚ୍ୟାଲେଞ୍ଜ କରୁଥିବା ଦେଖିବାକୁ ମିଳୁଛି । ତେବେ ଦୀର୍ଘ ବର୍ଷରୁ ଏହି ଅସାମାଜିକ କାର୍ଯ୍ୟକଳାପ ଚାଲିଥିବା ବେଳେ ସ୍ଥାନୀୟ ପୁଲିସ ପ୍ରଶାସନ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି ? କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା



ଅଧିକାରୀ ଏନେଇ ସ୍କୁଲ ଏକ ମନ୍ଦିର, ମନ୍ଦିର ପରିସରରେ ଯଦି ଏଭଳି ଅପରିଷ୍କାର କରାଯାଉଛି, ଏହା ନିଶ୍ଚିତ ଭାବରେ ପିଲାଙ୍କ ମନରେ କୁସଂସ୍କାର ଜନ୍ମନେବା ନିଶ୍ଚିତ ସ୍ୱାଭାବିକ କଥା । ଏଣୁ ପରିସରରେ ସିସିଟିଭି କ୍ୟାମେରା ଲଗାଇବା ସହ ଥାନାଧିକାରୀଙ୍କୁ ଅମାନିଆଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରାଯିବ ବୋଲି କହିଛନ୍ତି । ପାଟ୍ରୋଲିଂ କଡାକଡି କରାଯାଇ ଅସାମାଜିକ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ କୋକସରା ଥାନା ଅଧିକାରୀ ପ୍ରତିକ୍ରିୟା ରଖିଛନ୍ତି । ତେବେ ସ୍ଥାନୀୟ ଜନ ପ୍ରତିନିଧି ଏହି ଶିକ୍ଷାନୁଷ୍ଠାନ ପାଚେରୀ ମରାମତି, ମୁଖ୍ୟ ଗେଟ୍ ନିର୍ମାଣ ଆର୍ଥିକ ଅନୁଦାନ ଯୋଗାଇ ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ନଳକୂପ ଅଚଳ, ସୋଲାର ପାଣି ଟାଙ୍କି ଭରସା



ନବରଙ୍ଗପୁର: ପାପଡ଼ାହାଣ୍ଡି ବ୍ଲକ ମାଝୀଗୁଡା ପଞ୍ଚାୟତ ଅନ୍ତର୍ଗତ ଖଡ଼କାପଦର ଗାଁରେ ଥିବା ସମସ୍ତ ୩ଟି ନଳକୂପଟି ଦୀର୍ଘ ୫ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇ ପଡ଼ି ରହିଥିବା ଅଭିଯୋଗ ହୋଇଛି । ଏହି ନଳକୂପ ଉପରେ ଗାଁର ପାଖାପାଖି ୬୫ଜଣ ପରିବାର ଓ ଜନସଂଖ୍ୟା ପ୍ରାୟ୪୦୦ ଜଣ ଲୋକେ ନିର୍ଭର କରିଥାନ୍ତି । ନଳକୂପକୁ ମରାମତି କରିବା ପାଇଁ ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । କିନ୍ତୁ କର୍ମଚାରୀ ମାନେ ମରାମତି କରିବା ପରିବର୍ତ୍ତେ ପଞ୍ଚାୟତ କର୍ମକର୍ତ୍ତା ନିଜ ନିଜ ଉପରେ ଦୋଷ ଦେଖାଇ ନିରବ ରହିଛନ୍ତି । ଯାହା ଫଳରେ ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତିନୋଟି ନଳକୂପରୁ ଦୁଇଟି ନଳକୂପ ଅଚଳ ଆଉ ଗୋଟିଏ ନଳକୂପରୁ ଗୋଳିଆ ପାଣି ବାହାରୁଛି ଯାହା ପିଇବା ପାଇଁ ଉପଯୋଗୀ ହେଉନାହିଁ । ଗାଁରେ ଥିବା ସୋଲାର ପାଣି ଟାଙ୍କିର ପାଣିକୁ ଭରସା କରି ଚଳୁଥିଲେ ମଧ୍ୟ ଅଧିକାଂଶ ଦିନ ସୋଲାର ଚାଳିତ ପାଣି ଟାଙ୍କିରୁ ପାଣି ଅଛସୁନି । ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ଖଡ଼କାପଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ନଳକୂପ ମଧ୍ୟ ସମାନ ଦେଖିବାକୁ ମିଳିଛି । ସେଠାରେ ମଧ ନଳକୂପଟି ଦୀର୍ଘ ମାସ ହେଲା ଅଚଳ ଅବସ୍ଥାରେ ପଡ଼ି ରହିଛି । ସାହି ବାସିନ୍ଦା ଓ ବିଦ୍ୟାଳୟ କମିଟି ସରପଞ୍ଚ ଏବଂ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ ସେମାନେ ନଳକୂପ ପାଇପ୍ ନାହିଁ ନଲ କହି କର୍ଣ୍ଣପାତ କରୁନଥିବା କହିଛନ୍ତି । ବେଳେବେଳେ ଗାଁ ନିକଟରେ ଥିବା ନଦୀ ଏବଂ ଝରଣାରୁ ଲୋକେ ପିଇବାପାଣି ସଂଗ୍ରହ କରୁଛନ୍ତି । ନଦୀ ଓ ଝରଣା ପାଣି ବିଶୁଦ୍ଧ ନ ଥିବାରୁ ସଂକ୍ରମଣ ରୋଗ ବ୍ୟାପିବାର ସମ୍ଭାବନା ରହିଛି । ଗତ ଅକ୍ଟୋବର ୧୮ତାରିଖରେ ଏହି ଖଡ଼କାପଦର ଗାଁର ଲୋକେ ମଧ୍ୟ ଝାଡାବାନ୍ତି ଆକ୍ରାନ୍ତ ହେଇଥିଲେ ଏବଂ ଅନେକ ଲୋକ ଆକ୍ରାନ୍ତ ହୋଇ ମଧ୍ୟ ମେଡିକାଲରେ ଚିକିତ୍ସା ହୋଇଥିଲେ ।

# ଆଦିବାସୀ ଅଞ୍ଚଳରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା





ମାଲକାନଗିରି: ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଶିକ୍ଷା ବ୍ୟବସ୍ଥା । ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ସହିତ କିଭଳି ପିଲାମାନେ ସ୍କୁଲ ମୁହାଁ ହେବେ ତାକୁ ଦୃଷ୍ଟିରେ ରଖି ସ୍ମାର୍ଟ କ୍ଲାସ ଠାରୁ ଆରମ୍ଭ କରି ସ୍ମାର୍ଟ ବିଦ୍ୟାଳୟମାନ ପ୍ରତିଷ୍ଠା କରୁଛନ୍ତି ସରକାର । ଏବଂ ଗରିବ ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଉପାନ୍ତାରେ ଏମିତି କେତେ ବିଦ୍ୟାଳୟ ଅଛି ଯାହା କି ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବରେ ଲାଗୁଛି । କିନ୍ତୁ ପ୍ରଶାସନର ଏଥିପ୍ରତି ଗୁରୁ ଦେଉନାହାନ୍ତି । ବାଟବଣା ଶିକ୍ଷା ବ୍ୟବସ୍ଥା । ଭୁଶୁଡ଼ିବା ଅବସ୍ଥାରେ ବିଦ୍ୟାଳୟ । ଉପାନ୍ତ ମାଲକାନଗିରି ଜିଲ୍ଲା, ଖଇରପୁଟ ବ୍ଲକ ବଣ୍ଡାଘାଟୀର ବଡ଼ବେଲ ଗ୍ରାମର ଅନୁସୂଚିତ ଜାତି ଓ ଜନଜାତି ସରକାରୀ ବାଳିକା ବିଦ୍ୟାଳୟ । ଏଠାରେ ବଣ୍ଡା ଘାଟିର ମୁଦୁଲିପଡ଼ା ଓ ହଣ୍ଡରାହାଲ ପଞ୍ଚାୟତର ବଣ୍ଡା ଛାତ୍ରୀମାନେ ପାଠ ପଢୁଛନ୍ତି । ଅଥଚ ଏଠାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇପଡିଛି ।

୨୦୦୮ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଏବେ ଏଠରେ ୨୯୭ ଜଣ ଛାତ୍ରୀ ପାଠ ପଢୁଛନ୍ତ । ସ୍କୁଲ୍‌ରେ ରହିଛି ମୋଟ ୭ଟି ଶ୍ରେଣୀଗୃହ । ହେଲେ ଶ୍ରେଣୀ ଗୃହର ଅବସ୍ଥା ନକହିଲେ ଭଲ । କବାଟ ଝରକା ସବୁ ନଷ୍ଟ ହୋଇଯାଏଛି । ଛାତ ଉପରେ ଭରି ରହିଛି ଅନାବନା ଘାସ । ଜରାଜୀର୍ଣ୍ଣ ଅବସ୍ଥାରେ ଛିଡା ହୋଇଛି ବିଦ୍ୟାଳୟ । ମରଣ ମୁହଁକୁ ଠେଲି ଦିଆଯାଇଛି ବଣ୍ଡା ପିଲାଙ୍କୁ । ପିଲାମାନେ ରହିବା ପାଇଁ ଗୃହ ନାହିଁ । ଶ୍ରେଣୀଗୃହରେ ରହୁଛନ୍ତି । କାନ୍ଥରେ ଝୁଲୁଛି ଏମାନଙ୍କର ବହି ବସ୍ତାନି, ସାର୍ଟ ପ୍ୟାଣ୍ଟ ଓ ଯାବତୀୟ ଜିନିଷ । ଏଥିନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଆଗାମୀ ଦିନରେ ଯଦି ସରକାର ଶିକ୍ଷକ ଯୋଗାଇବା ସହ ବିଦ୍ୟାଳୟ ମରାମତି ଦିଗରେ ଦୃଷ୍ଟି ନଦିଏ ତାହେଲେ ପାଠ ଛାଡିବାକୁ ବାଧ୍ୟ ହେବୁ । ତେବେ ଆଗାମୀ ଦିନରେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି କି ନାହିଁ ତାହା ଦେଖିବାର ବାକି ରହିଲା ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାର୍ଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

**ଶିକ୍ଷା**



# Correction of Errors

Wrong : Seldom he visits this place.
Right : Seldom does he visit this place. (The sentence begins with a restrictive adverb.So helping verb is followed by subject.)
Wrong : She congratulated me for my grand success.
Right : She congratulated me on my grand success.
Wrong : The boy is a NCC cadet.
Right : The boy is an NCC cadet.
Wrong : They were charged of murder.
Right : They were charged with murder.
Wrong : Veera was reading English novels regularly.
Right : Veera read English novels regularly.
Wrong : I was let leaving the house.
Right : I was let to leave the house.
Wrong : The doctors differ.
Right : Doctors differ.
Wrong : The competition will start tomorrow as per the schedule.
Right : The competition starts tomorrow as per the schedule.
Wrong : We shall meet again on Diwali.
Right : We shall meet again at Diwali.
Wrong : Are you having a car?
Right : Do you have a car?

# ୨୦୨୪ ନିର୍ବାଚନକୁ ନେଇ ଚର୍ଚ୍ଚାରେ ରଣପୁର



ନୟାଗଡ଼/ ରଣପୁର: ଆଗକୁ ପାଖେଇ ଆସୁଛି ୨୦୨୪ ନିର୍ବାଚନ । ସେଥିପାଇଁ ବଢ଼ିଯାଇଛି ସାରା ରାଜ୍ୟରେ ରାଜନୈତିକ ଉଷ୍ମତା । ଆରମ୍ଭ ହୋଇଗଲାଣି ଟିକେଟ୍ ଦୌଡର ଖେଳ । କାହାକୁ ମିଳିବ କାହାକୁ ନାଇଁ ? ବିଭିନ୍ନ ସ୍ଥାନରେ ସଭା ସମିତି ଭୋଜି ଭାତକରି ପତିଆରା ଜାହିର କଲେଣି ବିଭିନ୍ନ ଦଳୀୟ ନେତା ଓ ଟିକେଟ ପାଇବା ପାଇଁ ଆଶା କରିଥିବା ଦଳୀୟ କର୍ମୀମାନେ । ଏହା ଭିତରେ ରଣପୁର ଅଞ୍ଚଳର ଗଳିକନ୍ଦି ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ଯୁବ ସମାଜ ସେବୀ ସ୍ୱର୍ଣ ପ୍ରକାଶ ରାଉତରାୟଙ୍କ କଥା ।

କଥାରେ ଅଛି ବିପଦ ସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ । ବିପଦ ସମୟର ଦୁର୍ଦ୍ଦିନରେ ଯିଏ ନିଜ ସାଥି ସମର୍ଥକଙ୍କୁ ସାଙ୍ଗରେ ଧରି ଲୋକଙ୍କ ସୁଖ ଦୁଃଖରେ ସାଥି ହେବାପାଇଁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ଯାଆନ୍ତି ସାହାଯ୍ୟ ସହଯୋଗ କରିବା ପାଇଁ ଏବଂ ନିଜର ଶିକ୍ଷା, ଦୀକ୍ଷା, ନିଷ୍ଠା, କର୍ତ୍ତବ୍ୟ ପରାୟଣ ଓ ପରୋପକାର ମହାନ୍ ଗୁଣ ଯୋଗୁଁ ଜଣେ ବ୍ୟକ୍ତି ସମାଜ ସେବା କ୍ଷେତ୍ରରେ ଏକ ଘଡିସନ୍ଧି ମୁହୂର୍ତ୍ତରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହିତ ନିଜ ରାଜନୈତିକ ଦଳପାଇଁ ସଫଳତା ସାଉଁଟି ଆଣି ଦଳର ସଫଳତାକୁ ନିଜ ନିର୍ବାଚନ ମଣ୍ଡଳୀରେ ସର୍ବାଗ୍ରେ ପହଞ୍ଚାଇ ନିଜ ଦଳର ସାଙ୍ଗଠନିକ ସ୍ଥିତିକୁ ଯଥା ଛାତ୍ର, ଯୁବ ଓ ମହିଳା ସଙ୍ଗଠନକୁ ମଜବୁତ୍ କରିପାରିଥିବା ଯୁବନେତା ଜଣକ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ସବୁରି ପ୍ରିୟ ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ । ଛାତ୍ର ଜୀବନରୁ ଆରମ୍ଭ କରି ଅଣ କଂଗ୍ରେସ ରାଜନୀତିରେ ପାଦ ଥାପିଥିବା ନେତା ସ୍ୱର୍ଣ୍ଣ ଭାଇ । ଏକଦା ନବୀନବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ବୃତ୍ତିଗତ ଜୀବନକୁ ଜଳାଞ୍ଜଳି ଦେଇ ଚାକିରୀ ବାକିରରୁ ଅବସର ନେଇ ବିଜୁ ଜନତା ଦଳରେ ଯୋଗଦେଇଥିଲେ । ସେ ବିଜୁଜନତା ଦଳର ଜଣେ ସକ୍ରୀୟ ସଦସ୍ୟ ଭାବେ ନିଜର ରାଜନୈତିକ ଇନିସ୍ ଆରମ୍ଭ କରିବା ସହିତ ନିଜ ଅଞ୍ଚଳ ବ୍ୟତୀତ ଜିଲ୍ଲା ତଥା ରାଜ୍ୟର ଜଣେ ଜଣାଶୁଣା ସମାଜସେବୀ ହିସାବରେ ବେଶ୍ ପରିଚିତ ହୋଇ ପାରିଛନ୍ତି ।

କଲେଜ୍ ଇଲେକ୍ସନ ହେଉ କିମ୍ବା ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ ଯେତେବେଳେ ଘଡିସନ୍ଧି ମୁହୂର୍ତ୍ତରେ ଦଳ ହାତରୁ କ୍ଷମତା ଅପସାରଣ ହୋଇ ବିରୋଧୀଙ୍କ ହାତମୁଠାକୁ ଚାଲି ଯିବାର ସମ୍ଭାବନା ଥାଏ କିମ୍ବା ଦଳରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୁଏ,ସେତେବେଳେ ଦଳ ତରଫରୁ ଖୋଜା ପଡ଼ନ୍ତି ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ । ତାଙ୍କର ନିଃସର୍ତ୍ତ ଉଦ୍ୟମ ନିଷ୍ଠାପର ଓ ପରୋପକାରୀ ମନୋଭାବ ପାଇଁ ସେ ଦଳ ପାଇଁ କରିଛନ୍ତି ଅନେକ ମହାନ କାର୍ଯ୍ୟ । ବିଜେଡି ଦଳପାଇଁ ତଥା ଦଳୀୟ ନେତାଙ୍କ ସ୍ୱାଭିମାନକୁ ରଣପୁର ନିର୍ବାଚନ ମଣ୍ଡଳୀରେ ଅକ୍ଷୁର୍ଣ୍ଣ ରଖିବାରେ ବେଶ୍ ପ୍ରଶଂସନୀୟ ଭୂମିକା ନିର୍ବାହ କରିଥା'ନ୍ତି ସେ । ଏପରିକି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଗୋପାଳପୁର ଜୋନ୍ ଏକଦା କଂଗ୍ରେସ ଦୁର୍ଗ କୁହାଯାଉଥିବା ବେଳେ ସେଠାରେ ସେ ବିଜୁ ଜନତା ଦଳରୁ ଟିକେଟ୍ ପାଇବା ସହ ଜିଲ୍ଲା ପରିଷଦ ଭୋଟ୍ ରେ ବହୁ ସଂଖ୍ୟାରେ ଭୋଟପାଇ ବିଜେଡି ଦଳର ସଫଳତା ଆଣିବାରେ ସକ୍ଷମ ହୋଇଥିଲେ । ବିରୋଧୀ ଏବଂ ଅନ୍ୟ ରାଜନୈତିକ ଦଳର ନେତାମାନେ ହାର୍ ମାନିଥିଲେ ତାଙ୍କ ଗୋଟି ଚାଳନା ଆଗରେ । ସେବେଠାରୁ ବିଜେଡ଼ିର ଜୟ ଯାତ୍ରାରେ ସେ ରଣପୁର ନିର୍ବାଚନ ମଣ୍ଡଳୀରେ ନିଜ ଦଳର ସାଙ୍ଗଠନିକ ସ୍ଥିତିକୁ ଅହରହ ଅଜାଚିତ ଭାବେ ସହଯୋଗ କରି ସମଗ୍ର ରଣପୁର ନିର୍ବାଚନ ମଣ୍ଡଳୀରେ ଲୋକ ପ୍ରିୟତା ହାସଲ କରିଛନ୍ତି ।

ସେ ଛାତ୍ର, ଯୁବକ, ମହିଳା ସଙ୍ଗଠନକୁ ମୁଜବୁତ୍ କରିବାରେ ବେଶ୍ ପରିଚିତ ଅଛନ୍ତି । ତେଣୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ରଣପୁରରେ ଯୁବନେତୃତ୍ୱକୁ ସୁଯୋଗ ଦେଇ ସ୍ୱର୍ଣ୍ଣ ପ୍ରକାଶ ରାଉତରାୟଙ୍କୁ ରଣପୁର ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଲେ ଦଳର ବିଜୟ ସହଜସାଧ ହେବ ବୋଲି ରଣପୁର ଯୁବସମାଜ ଠାରୁ ଆରମ୍ଭ କରି ଛାତ୍ର ମହିଳା ଏବଂ ଗାଁ ଗହଳିର ଗଳିକନ୍ଦି ଚର୍ଚ୍ଚାର ବିଷୟ ପାଲଟିଛି ।

# ମାଓ ଭୟ: ଥାନା ପରିସରରେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର

କନ୍ଧମାଳ: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସମେଟିଭ ଆସେସମେଣ୍ଟ-୨ ମାଟ୍ରିକ ପରୀକ୍ଷାରେ କନ୍ଧମାଳ ଜିଲ୍ଲାର ମୋଟ ୬୨ କେନ୍ଦ୍ରରେ ୧୦,୧୩୭ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ଚଳିତବର୍ଷ ଜିଲ୍ଲାର ମୋଟ ୨୦୮ଟି ହାଇସ୍କୁଲର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଅଂଶଗ୍ରହଣ କରିଛନ୍ତି । ଏଥିପାଇଁ ଜିଲ୍ଲାରେ ମୋଟ ୧୬ଟି ନୋଡାଲ କେନ୍ଦ୍ର ସ୍ଥାପନ କରାଯାଇଛି । ଫୁଲବାଣୀ ଏଜେଓ ହାଇସ୍କୁଲ, ଖଜୁରୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଫିରିଙ୍ଗିଆ ହାଇସ୍କୁଲ, ଗୋଛାପଡ଼ା ଥାନା, ବାଲିଗୁଡ଼ା ସରକାରୀ ହାଇସ୍କୁଲ, କ.ନୂଆଗାଁ ସରକାରୀ ହାଇସ୍କୁଲ, ତୁମୁଡ଼ିବନ୍ଧ ଥାନା, କୋଟଗଡ଼ ଥାନା, ବେଲଘର ଥାନା, ଦାରିଙ୍ଗବାଡ଼ି ଥାନା, ବ୍ରାହ୍ମଣୀଗାଁ ଥାନା, ରାଇକିଆ ସେଣ୍ଟ କ୍ୟାଥେରିନ ବାଳିକା ଉଚ୍ଚ ବିଦ୍ୟାଳୟ, ଘୁ.ଉଦୟଗିରି ହବାକ୍ ହାଇସ୍କୁଲ, ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ, ଚକାପାଦ ଥାନା, ସାରଙ୍ଗଡ଼ ହାଇସ୍କୁଲରେ ନୋଡ଼ାଲ ସେଣ୍ଟର କରାଯାଇଥିବା ବେଳେ ସେଥିମଧ୍ୟରୁ ୯ଟି ନୋଡାଲ କେନ୍ଦ୍ର ବିଭିନ୍ନ ହାଇସ୍କୁଲରେ କରାଯାଇଥିବା ବେଳେ ଆଉ ୭ଟି କେନ୍ଦ୍ର ବିଭିନ୍ନ ଥାନାରେ କରାଯାଇଛି । ବିଶେଷକରି ମାଓ ଉପଦ୍ରୁତ ଇଲାକାରେ ନୋଡାଲ ସେଣ୍ଟରଗୁଡ଼ିକ ଥାନା ପରିସରରେ କରାଯାଇଛି । ସେହିଭଳି ମଧ୍ୟମା ପରୀକ୍ଷା ନିମନ୍ତେ ୩ଟି ପରୀକ୍ଷା କେନ୍ଦ୍ର ଏବଂ ୩ଟି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ଆସନ୍ତା ୧୦ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ପରୀକ୍ଷା କରାଯାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଲୁଚାଛପାରେ ଚାଲିଛି...

ସୂଚନାଯୋଗ୍ୟ, ଦୋଳପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ଭୁଷଣ୍ଡପୁର ଗାଁରେ ଏକ ନିଛାଟିଆ ଘରେ ଲୁଚାଛପାରେ ୮ ଜଣ ବ୍ୟକ୍ତି ବାଣ ତିଆରି କରୁଥିଲେ । କିଏ ରକେଟ୍ ବାଣରେ ବାରୁଦ ଭର୍ତ୍ତି କରୁଥିଲେ ତ ଆଉ କିଏ କିଏ ଉପର ଚକ୍ରି ଏବଂ ସଟ୍ ବାଣ ପ୍ରସ୍ତୁତ କରୁଥିଲେ । ଚାରିଆଡ଼େ ଘେରି ରହିଥିଲା ବାଣ ପ୍ରସ୍ତୁତି ବାରୁଦ ସହ ଦହନଶୀଳ ସରଞ୍ଜାମ । ତାଆରି ଭିତରେ କ'ଣ ଘଟିଗଲା କେଜାଣି ହଠାତ ପ୍ରଚଣ୍ଡ ଶବ୍ଦ ସହ ବିସ୍ଫୋରଣ ହୋଇଥିଲା । ଉଡ଼ିଯାଇଥିଲା ଘରେ ଲାଗିଥିବା ଇଟା ସହ ମାଙ୍କଡ଼ା ପଥର । ଘର ଉପରେ ଲାଗିଥିବା ଟିଣ ଚାଦର ୨ ଶହ ମିଟର ଦୂରରେ ଛିନ୍ଛତ୍ର ହୋଇ ପଡ଼ିଥିଲା । ଏହି ଘଟଣାରେ ଘଟଣାସ୍ଥଳରେ ୪ ଜଣ ଓ ଡାକ୍ତରଖାନାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ମଧ୍ୟ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ତେବେ ଏହି ଘଟଣା ପୂର୍ବରୁ ରାଜ୍ୟରେ ବାରମ୍ବାର ଏଭଳି ଘଟିଚାଲିଥିବା ବେଳେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବାରୁ ଅକାଳରେ ଚାଲି ଯାଉଛି ଏକାଧିକ ଜୀବନ ।

### ବୋଲ ମାନୁନି ବନାଗ୍ନି...

ସାତକୋଶିଆ, ପିଠାବଟା, ବାଙ୍ଗିରିପୋଷି, ଦେଉଳି, ବେତନଟୀ, ରାସଗୋବିନ୍ଦପୁର, ଗୁରୁଗୁରିଆ ରେଞ୍ଜରେ ହୁତୁହୁତୁ ହୋଇ ଜଳୁଛି ଜଙ୍ଗଲ । ଏହା ମଧ୍ୟରେ ଓଡ଼ିଶା ସାରା ଦେଶରେ ରେକର୍ଡ ସୃଷ୍ଟି କରିଛି । ନଭେମ୍ବର ପହିଲାରୁ ଆଜି ପର୍ଯ୍ୟନ୍ତ ଦେଶରେ ସୃଷ୍ଟି ହୋଇଥିବା ବନାଗ୍ନି ମଧ୍ୟରୁ ଓଡ଼ିଶାରେ ସର୍ବାଧିକ ୧୨ ହଜାର ୨୧୭ଟି ଚିହ୍ନଟ ହୋଇଛି । ଯେଉଁଥିରେ ୮୮୨ଟି ବଡ଼ଧରଣର ବନାଗ୍ନି ରହିଛି, ଯାହାକି ଦେଶରେ ସର୍ବାଧିକ । ଏଣେ ଜଙ୍ଗଲ ନିଆଁ ରୋକିବାକୁ ପିସିସିଏଫ୍ ବି ହାତ ଟେକିଦେଲେଣି, କହିଛନ୍ତି କେବଳ ବର୍ଷା ହିଁ ଭରସା ।

ସପ୍ତାହକ ଭିତରେ ରାଜ୍ୟରେ ୬ ହଜାର ୮୨୯ଟି ସ୍ଥାନରେ ବଡ଼ ଧରଣର ବନାଗ୍ନି ଦେଖିବାକୁ ମିଳିଛି । ଗଜପତିରୁ ନୟାଗଡ଼, ଭଞ୍ଜନଗରରୁ କୋରାପୁଟଛ ସବୁଠି ଜଙ୍ଗଲ ଜଳୁଛି । କେଉଁଠି ନିଆଁ ଆୟତ୍ତ କରିବାକୁ ବନ କର୍ମଚାରୀ ନାକେଦମ୍ ତ' ଆଉ କେଉଁଠି ବେକାବୁ । ଏଥିପାଇଁ ଉଭୟ ସରକାର ଓ ବନ ବିଭାଗର ଖାମଖିଆଲି ମନୋଭାବକୁ ଦାୟୀ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଜଙ୍ଗଲ ଧୂଆଁରେ ସେମାନେ ଅଣନିଶ୍ୱାସୀ ହୋଇଗଲେଣି । ତେବେ ବିଭିନ୍ନ ସ୍ଥାନରେ ବନ ବିଭାଗର ସଚେତନତା ଯେମିତି ବାହାଘର ବେଳେ ବାଇଗଣ ରୁଆ ସଦୃଶ ହୋଇଛ । ଏଣେ ପିସିସିଏଫ୍ କହିଛନ୍ତି, ଏବେ ରାଜ୍ୟର ପ୍ରାୟ ସବୁ ଜଙ୍ଗଲରେ ନିଆଁ ଲାଗିଛି । ଫେବୃଆରୀରୁ ଅଦ୍ୟାବଧି ଯେତିକି ଜଙ୍ଗଲରେ ନିଆଁ ଲାଗିଛି, ସବୁ ମନୁଷ୍ୟକୃତ । ଏହାକୁ ରୋକିବାକୁ କେବଳ ବର୍ଷା ହିଁ ଭରସା । ଅକ୍ଟୋବର ପରଠୁ ରାଜ୍ୟରେ ଆଉ ବର୍ଷା ହୋଇନି । ବନ ବିଭାଗ ପ୍ରାୟ ୯୩ ପ୍ରତିଶତ ଜଙ୍ଗଲ ନିଆଁ ଲିଭାଇବାରେ ସଫଳ ହେଲାଣି । ତେବେ ପରିବେଶବିତଙ୍କ ଉଦ୍‌ବେଗ ଲୋକଙ୍କ ଅସାବଧାନତାରୁ ଜଙ୍ଗଲରେ ନିଆଁ ବ୍ୟାପୁଛି । ମହୁଲ ଫୁଲ ଗୋଟାଇବା ଓ କେନ୍ଦୁପତ୍ର ତୋଳିବା ଉଦ୍ଦେଶ୍ୟରେ ବି ଜଙ୍ଗଲରେ ନିଆଁ ଲଗାଯାଉଛି । ଶିକାର ଓ ପୋଡୁଚାଷ ପଛରେ ବି ବନାଗ୍ନି ଅନ୍ୟତମ କାରଣ । ତେଣୁ ସରକାର ଜଙ୍ଗଲ ନିଆଁ ଲିଭାଇବା ନୁହେଁ, ବରଂ ଜଙ୍ଗଲ ନିଆଁ ନ ଲଗାଇବାକୁ ଗୁରୁତ୍ୱ ଦେବା ଦରକାର । ଗ୍ରୀଷ୍ମ ପ୍ରକୋପ ଆରମ୍ଭ ନହେଉଣୁ ରାଜ୍ୟରେ ଅସମ୍ଭାଳ ହେଲାଣି ଜଙ୍ଗଲ ନିଆଁ ସ୍ଥିତି । ବନ ବିଭାଗ ପକ୍ଷରୁ ଏବେଠୁ ସଠିକ୍ ପଦକ୍ଷେପ ଗ୍ରହଣ ନ କରାଗଲେ, ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ ।

### ଯାତ୍ରାରେ ଅଶ୍ଳୀଳତା...

ଥିଲା ଯେ ସମ୍ପୂର୍ଣ୍ଣ ଯାତ୍ରା ଦୁନିଆକୁ ବଦନାମ ମୁଣ୍ଡାଇବାକୁ ପଡ଼ିଥିଲା । ଏହି ବିବାଦ ଭିତରେ କେବେ କଳାକାର ବିବାଦ ଭିତରକୁ ଟାଣି ହୋଇ ଆସିଥିଲେ ତ ଆଉ କେବେ ବଡ଼ ଯାତ୍ରା ପାର୍ଟି । ଓଡ଼ିଶାର କଳା ସଂସ୍କୃତି ନଷ୍ଟ ହେଉଥିବା ନେଇ ବିଭିନ୍ନ ସମୟରେ ସାମାଜିକ ଅନୁଷ୍ଠାନମାନେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଛନ୍ତି । ତେବେ ଚଳିତବର୍ଷ ଖଣ୍ଡଗିରି ମେଳାରେ ଯାତ୍ରା ପ୍ରଦର୍ଶନୀକୁ ନେଇ କଟକଣା ଲଗାଇବା ସହିତ ଅଶ୍ଳୀଳ ନୃତ୍ୟକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା । ଯେଉଁଥିପାଇଁ ମେଲୋଡିରେ ରୋକ

# ଲାଖ ଶିଳ୍ପକୁ ମିଳୁନି ସରକାରୀ ପ୍ରୋତ୍ସାହନ



ନବରଙ୍ଗପୁର: ଲାଖ କାମପାଇଁ ଏକ ସ୍ୱତନ୍ତ୍ର ପ୍ରକାର ଜଉରୁ ନିଆଁରେ ତରଳାଇ ଲାଖ ପ୍ରସ୍ତୁତି କରି ସେଥିରୁ ରଙ୍ଗବେରଙ୍ଗ ଦ୍ରବ୍ୟରେ ଜଉ ପ୍ରଲେପରେ ସୁନ୍ଦର କାରୁକାର୍ଯ୍ୟ ହେଉଛି । ଯେମିତି କି ପେଡି , ହାତି, ଘୋଡା, ମୟୁର, କଇଁଚ, ମାଛ, କଳସ, ଦେବଦେବୀ, ଚଟୁଡି ଭଳି ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ହୋଇପାରୁଛି । ରାଜାରାଜୁଡା ଅମଳରୁ ନବରଙ୍ଗପୁରର ଏହି ଲାଖ କଳା ପ୍ରସିଦ୍ଧି ଲାଭ କରିଆସିଛି । ମାତ୍ର ଆଧୁନିକ ଯୁଗରେ ସ୍ୱଳ୍ପ ରୋଜଗାର ଓ ସରକାରଙ୍କ ପ୍ରୋତ୍ସାହନ ଅଭାବ ଯୋଗୁଁ ଲାଖ ଶିଳ୍ପ ଉପରୁ ଲୋକେ ମୁହଁ ମୋଡୁଛନ୍ତି । ନବରଙ୍ଗପୁରର ଲାଖରୁ ପ୍ରସ୍ତୁତି ଦ୍ରବ୍ୟର ଚାହିଦା ରହିଛି କିନ୍ତୁ କଞ୍ଚାମାଲ ଅଭାବ ଯୋଗୁଁ ଲାଖ ଶିଳ୍ପ କ୍ରମଶଃ ହ୍ରାସ ପାଉଥିବା କହିଛନ୍ତି ଶିଳ୍ପୀ ।

ନବରଙ୍ଗପୁର ଶଙ୍ଖାରୀ ସାହିର ପ୍ରାୟ ୪୦ ପରିବାର ଲାଖ ଜିନିଷ ପ୍ରସ୍ତୁତି କରି ଜୀବିକା ନିର୍ବାହ କରୁଥିଲେ । ଯାହା ଏବେ ମାତ୍ର ୧୫ରେ ସୀମିତ ରହିଛି । କେବଳ ଚନ୍ଦାହାଣ୍ଡି ଅଞ୍ଚଳର ପାଟଖଲିଆ, ବଡଝରିଆ, ବନ୍ଧକୋନାର ପ୍ରାକୃତିକ ଜଙ୍ଗଲର ପଳାସ ଓ କୁସୁମି ଗଛରେ ଏକ ପ୍ରକାର ପୋକକୁ ଚାଷୀ ମାନେ ଛାଡିଥାନ୍ତି । ଉକ୍ତ ପୋକର ଲାଳରୁ ପ୍ରସ୍ତୁତ ଜଉକୁ ଏକ କାଠି ସାହାଯ୍ୟରେ ବାହାର କରି କେଜି ପିଛା ୯ ଶହ ରୁ ୧ ହଜାର ଟଙ୍କାରେ କିଣି ଆଣିଥାନ୍ତି । ଟେରାକୋଟା, ବାଉଁଶ ପେଡ଼ି ଓ ଶୁଖିଲା ପଇଡରେ ଭଳିକି ଭଳି ରଂଗ ଲେପନ କରିବା ପରେ ଲାଖକୁ ନିଆଁ ରେ ତରଳାଇ ଜଉ ଶିଳ୍ପକୁ ପୁର୍ନଜୀବନ୍ୟାସ ଦିଆଯାଇଥାଏ ।

୨୦୧୮ରେ କଟକରେ ଅନୁଷ୍ଠିତ ହକି ବିଶ୍ୱକପରେ ସାରା ବିଶ୍ୱର ଖେଳାଳିଙ୍କୁ ୮୦୦ ଲାଖରେ ପ୍ରସ୍ତୁତ ପେଡ଼ି ଦିଆଯିବା ପରେ ସାରା ବିଶ୍ୱରେ ପହଞ୍ଚିଥିଲା ଲାଖ କାରିଗରୀ । ଏବେ ଏହି କଞ୍ଚାମାଲ ଉପରେ ଛତିଶଗଡର ବ୍ୟବସାୟୀଙ୍କ ନଜର । ଉକ୍ତ ବ୍ୟବସାୟୀ ଲାଖ କଞ୍ଚାମାଲ ସଂଗ୍ରହ କରି ସାରା ଦେଶର ବିଭିନ୍ନ କଳକାରଖାନାକୁ ପଠାଇ ଲାଭବାନ ହେଉଛନ୍ତି । ଯାହାର ଫାଇଦା ନେଇ ପାରୁନାହାଁନ୍ତି ସ୍ଥାନୀୟ ବ୍ୟବସାୟୀଛ ଯାହା ସରକାରୀ ପ୍ରୋତ୍ସାହନ ଉପରେ ପ୍ରଶ୍ନଚିହ୍ନ ଛିଡା କରିଛି ।

ଅନ୍ୟପଟେ ନବରଙ୍ଗପୁର ଲାଖ ଶିଳ୍ପକୁ ଜିଆଇ ଟ୍ୟାଗ ମାନ୍ୟତା ମିଳିବା ନେଇ ଦାବି କଲେ ନବରଙ୍ଗପୁର ଲାଖ ଶିଳ୍ପୀ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ ଚିଠି ଲେଖିଥିବା ସୂଚନା ମିଳିଛି । ଯାହା ଦ୍ୱାରା ପୁଣି ଥରେ ଲାଖ ଶିଳ୍ପ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବା ସମ୍ଭାବନା ଦେଖାଦେଇଛି ।


THE AADHAR ODISHA
ଆଧାର ଓଡ଼ିଶା

# ରାଜ୍ୟପାଳ-ସରକାର ବିବାଦ ବଢ଼ୁଛି












କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସାମ୍ବିଧାନିକ ସମ୍ପର୍କ ସ୍ଥାପନ ପାଇଁ ଭାରତରେ ରାଜ୍ୟପାଳମାନଙ୍କୁ ନିଯୁକ୍ତ କରାଯାଇଥାଏ । ହେଲେ ଦେଖାଯାଉଛି କେତେକ ରାଜ୍ୟପାଳ ସାମ୍ବିଧାନିକ ସୀମା ଅତିକ୍ରମ କରି ନିର୍ବାଚିତ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି । ସେଥିଲାଗି ସେମାନଙ୍କ ଭୂମିକା ନେଇ ଅନେକ ସମୟରେ ତର୍କ ହୋଇ ଆସୁଥିବା ବେଳେ କେନ୍ଦ୍ର ସରକାରଙ୍କ ସଖି କଣ୍ଢେଇପରି ରାଜ୍ୟପାଳମାନେ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି । ଏହି କ୍ରମରେ ଦେଶରେ ଏବେ ଏକାଧିକ ରାଜ୍ୟରେ ରାଜ୍ୟପାଳ ଓ ନିର୍ବାଚିତ ସରକାରଙ୍କ ମଧ୍ୟରେ ଦେଖାଯାଉଥିବା ମତାନ୍ତର ପରବର୍ତ୍ତୀ ସମୟରେ ସାମ୍ବିଧାନିକ ସଙ୍କଟରେ ପରିଣତ ହୋଇଛି । ନିକଟ ଅତୀତରେ ଦିଲ୍ଲୀ, କେରଳ, ପଶ୍ଚିମବଙ୍ଗ, ତାମିଲନାଡୁ, ପଞ୍ଜାବ ପରି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏପରି ଉଦାହରଣ ରହିଛି ଯାହା ଏକ ସାମ୍ବିଧାନିକ ଅପପରମ୍ପରା ସୃଷ୍ଟି କଲାଣି । ତେବେ ଏହାରି ମଧ୍ୟରେ ଆନ୍ଧ୍ରର ବିଦାୟୀ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ବିଦାୟ ଦେବା ବେଳେ ବିମାନ ବନ୍ଦରରେ ପାଦ ଛୁଇଁ ପ୍ରଣାମ କରିଛନ୍ତି ରାଜ୍ୟର ଯୁବ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ । ଯାହାକୁ ନେଇ ଏବେ ବେଶ ଚର୍ଚ୍ଚା ହେଉଛି । କେହି କେହି ଏହାକୁ ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରଖି ସଂସ୍କାର ସହ ଯୋଡି ଚର୍ଚ୍ଚା କରୁଛନ୍ତି । ନିକଟରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଛତିଶଗଡ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ । ସେ ଆନ୍ଧ୍ର ପ୍ରଦେଶ ଛାଡିବା ସମୟରେ ବିଜୟୱାଡା ବିମାନ ବନ୍ଦରରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ପାଇଁ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ । ସାଙ୍ଗରେ ପତ୍ନୀଙ୍କ ସମେତ ଅନ୍ୟ କିଛି ବରିଷ୍ଠ କ୍ୟାବିନେଟ୍ ସହଯୋଗୀ ମଧ୍ୟ ଥିଲେ । ଏହି ସମୟରେ ସେ ବିଦାୟୀ ରାଜ୍ୟପାଳ ହରିଚନ୍ଦନଙ୍କ ପାଦ ସ୍ପର୍ଷ କରି ପ୍ରଣାମ କରିଥିଲେ । ହରିଚନ୍ଦନ ମଧ୍ୟ ଜଗନଙ୍କ ମଧ୍ୟ ପିଠି ଥାପୁଡାଇଥିଲେ । ଯାହାର ଫଟୋ ଏବେ ସୋସିଆଲ ମିଡିଆକୁ ଆସିବା ପରେ ଜଗନଙ୍କୁ ବେଶ ପ୍ରଶଂସା କରାଯାଉଛି । ଏହା ଭାରତୀୟ ରାଜନୀତିରେ ସମ୍ମାନ, ସଂସ୍କାର ଓ ଅନୁଶାସନ ବୋଲି ମଧ୍ୟ କିଛି ସୋସାଲ୍ ମିଡିଆ ବ୍ୟବହାରକାରୀ ମତ ଦେଇଛନ୍ତି । ତେବେ ଦେଶରେ ନିକଟରେ ଦେଖାଯାଇଥିବା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବିବାଦ କାରଣରୁ ଏହି ଫଟୋଟି ବେଶି ଚର୍ଚ୍ଚାରେ ରହିଛି । ନିକଟରେ ଏକାଧିକ ରାଜ୍ୟରେ ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ବିଭିନ୍ନ ନୀତିଗତ କାରଣରୁ ସାମ୍ବିଧାନିକ ସଙ୍କଟ ଲାଗିରହିଛି । ଯାହା ସାମ୍ବିଧାନିକ ଅଚଳାବସ୍ଥା ସୃଷ୍ଟି କରିବା ସହ ପଦ ମର୍ଯ୍ୟାଦା ମଧ୍ୟ କ୍ଷୂର୍ଣ୍ଣ କରୁଛି । ସମ୍ବିଧାନର ମହାନତା ଓ ମର୍ଯ୍ୟାଦା ମଧ୍ୟ କ୍ଷୂର୍ଣ୍ଣ ହେବା ସହ ସଙ୍ଘୀୟ ବ୍ୟବସ୍ଥାରେ ଏକ ଅପପରମ୍ପରା ସୃଷ୍ଟି ହେଉଛି ।

## ବିଶ୍ୱଭୂଷଣଙ୍କ ପାଦ ଛୁଇଁ ପ୍ରଶଂସା ସାଉଁଟିଲେ ଜଗନ

**ମମତା-ଧନଖଡ ବିବାଦ :** ପଶ୍ଚିମବଙ୍ଗରେ ମମତା ସରକାର ଓ ପୂର୍ବତନ ରାଜ୍ୟପାଳ ତଥା ବର୍ତ୍ତମାନର ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଥିଲା । ଉଭୟ ପରସ୍ପର ବିରୋଧରେ ନାନା ଅଭିଯୋଗ କରିଥିଲେ । ରାଜ୍ୟପାଳଙ୍କୁ ମମତାଙ୍କ ଦଳୀୟ କର୍ମୀ ବିଜେପି ଏଜେଣ୍ଟ କହିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ କ୍ରମାଗତ ବିରୋଧ କରୁଥିଲେ । ରାଜଭବନ ଓ ସରକାରଙ୍କ ବିବାଦ ପାଇଁ ସାମ୍ବିଧାନିକ ପ୍ରକ୍ରିୟା ମଧ୍ୟ ପ୍ରଭାବିତ ହୋଇଥିଲା । ରାଜ୍ୟପାଳ ପକ୍ଷପାତିତା କରୁଥିବା ଅଭିଯୋଗରେ ତାଙ୍କୁ ହଟାଇବା ପାଇଁ ମମତା ଦିଲ୍ଲୀ ଦରବାରରେ ମଧ୍ୟ ଦ୍ୱାରସ୍ଥ ହୋଇଥିଲେ । ପରେ ଧନଖଡ ଉପରାଷ୍ଟ୍ରପତି ଭାବେ ନର୍ବାଚିତ ହୋଇ ବେଙ୍ଗଲ ଛାଡିବା ପରେ ସ୍ଥିତି ଶାନ୍ତ ପଡିଥିଲା ।

**କେରଳରେ ରାଜ୍ୟପାଳ-ବିଜୟନ ସରକାର ବିବାଦ :** କେରଳରେ ମଧ୍ୟ ରାଜ୍ୟପାଳ ଆରିଫ ମହମ୍ମଦ ଖାନ ଓ ପିନାରାଏ ବିଜୟନ ସରକାରଙ୍କ ମଧ୍ୟରେ ବିବାଦ ଏବେ ମଧ୍ୟ ଲାଗି ରିହଛି । ରାଜ୍ୟର କିଛି ଆଗଧାଡିର ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ମାମଲାରେ ଦୁର୍ନୀତି ହୋଇଥିବା ଦର୍ଶାଇ ରାଜ୍ୟପାଳ ସେସବୁ ଉପରେ ଅଙ୍କୁଶ ଲଗାଇବା ପରେ ଆରମ୍ଭ ହୋଇଥିଲା ବିବାଦ । ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ଅବୈଧ କହିବା ସହ ନିଲମ୍ବିତ ହୋଇଥିବା କୁଳପତିମାନେ ମଧ୍ୟ ରାଜ୍ୟପାଳଙ୍କ କାର୍ଯ୍ୟାନୁଷ୍ଠାନ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟପାଳ ଖାନ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ଇସାରାରେ କାର୍ଯ୍ୟ କରୁଥିବା ବିଜୟନଙ୍କ ଦଳୀୟ କର୍ମୀ କହିଥିଲେ । ରାଜଭବନ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଥିଲା । ଏବେ ମଧ୍ୟ ଏହି ବିବାଦ ପ୍ରଶମିତ ହୋଇନାହିଁ ।

**ତାମିଲନାଡୁରେ ମଧ୍ୟ ବିବାଦ:** ତାମିଲନାଡୁରେ ରାଜ୍ୟପାଳ ଆର୍ ଏନ୍ ରବି ଓ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ୍ ସରକାରଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା । ରାଜ୍ୟ ବିଧାନସଭାରେ ଅଭିଭାଷଣ ରଖିବା ବେଳେ ଏକ ପ୍ରସଙ୍ଗକୁ ନେଇ ସରକାରୀ ଦଳର ବିଧାୟକ ରାଜ୍ୟପାଳଙ୍କୁ ସମାଲୋଚନା କରିଥିଲେ । ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବୋଧନରେ ରାଜ୍ୟପାଳ ଦ୍ରାବିଡ ଶବ୍ଦ ଉଚ୍ଚାରଣ ନ କରିବାରୁ ସେ କାଶ୍ମୀର ଚାଲି ଯାଆନ୍ତୁ ବୋଲି କହିଥିଲେ ଜଣେ ଡିଏମକେ ନେତା । ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ମାମଲା ଥାନାରେ ମଧ୍ୟ ପହଞ୍ଚିଥିଲା ।

**ଦିଲ୍ଲୀରେ ଉପରାଜ୍ୟପାଳ-କେଜ୍ରିୱାଲ ବିବାଦ :** ଜାତୀୟ ରାଜଧାନୀ ଦିଲ୍ଲୀରେ ଉପରାଜ୍ୟପାଳ ବିନୟ ସକ୍ସେନା ଓ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ମଧ୍ୟରେ ତୀବ୍ର ତିକ୍ତତା ଜାରି ରହିଛି । କେତେବେଳେ ଅବକାରୀ ନୀତି ଦୁର୍ନୀତି ତ, କେତେବେଳେ ଶିକ୍ଷକଙ୍କୁ ବିଦେଶରେ ପ୍ରଶିକ୍ଷଣ ପାଇଁ ପଠାଇବା ମାମଲାରେ ମୁହାଁମୁହିଁ ହୋଇଛନ୍ତି ରାଜଭବନ ଓ ନିର୍ବାଚିତ ସରକାର । ଉପରାଜ୍ୟପାଳ ତାଙ୍କ ଅଧିକାର ପରିସର ବାହାରେ ନିର୍ବାଚିତ ସରକାରଙ୍କ କାର୍ଯ୍ୟରେ ଉଦ୍ଦେଶ୍ୟମୂଳକ ଭାବେ ହସ୍ତକ୍ଷେପ କରିବା ସହ ସେଥିରେ ବାଧା ସୃଷ୍ଟି କରୁଥିବା ଆମ ଆଦମୀ ପାର୍ଟି କହିଆସୁଛି । ଏପରିକି ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ଉପରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବୈଠକ ମଧ୍ୟ ହୋଇପାରିନଥିଲା । ଦିଲ୍ଲୀ ଏକ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିବାରୁ ନିର୍ବାଚିତ ସରକାର ପୂର୍ଣ୍ଣ କ୍ଷମତାଗତ ସ୍ୱାଧୀନତା ଉପଭୋଗ କରିପାରୁନାହିଁ । ଉପରାଜ୍ୟପାଳ କିଛି ସାମ୍ବିଧାନିକ କ୍ଷମତାର ଅଧିକାରୀ ରହିଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି ।

**ପଞ୍ଜାବ ସରକାର-ରାଜ୍ୟପାଳ ବିବାଦ :** ପଞ୍ଜାବ ବଜେଟ୍ ଅଧିବେଶନ ନେଇ ଆପ୍ ସରକାର ଓ ପଞ୍ଜାବ ରାଜ୍ୟପାଳଙ୍କ ମଧ୍ୟରେ ଚାଲିଥିବା ବିବାଦର ଶୁଣାଣି କରି ସୁପ୍ରିମ୍‌କୋର୍ଟ କଡ଼ା ମନ୍ତବ୍ୟ ଦେଇଛନ୍ତି । ଉଭୟ ପକ୍ଷ ସାମ୍ବିଧାନିକ ମର୍ଯ୍ୟାଦାରେ ରହିବାକୁ ବାଧ୍ୟ ବୋଲି କୋର୍ଟ ଚେତାଇ ଦେଇଛନ୍ତି । ରାଜ୍ୟପାଳ ବନୱାରୀ ଲାଲ ପୁରୋହିତ କ୍ୟାବିନେଟ୍ ନିଷ୍ପତ୍ତିକୁ ଅଣଦେଖା କରିଥିବା ଅଭିଯୋଗ ଆଣି ପଞ୍ଜାବ ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସମ୍ବିଧାନର ଧାରା ୩୨ ଅଧୀନରେ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ ହୋଇଥିଲା । ଉଲ୍ଲେଖଯୋଗ୍ୟ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ନିକଟରେ ରାଜ୍ୟପାଳଙ୍କ ପକ୍ଷରୁ ଯାଇଥିବା ଏକ ଚିଠି ଉପରେ ଅତି ଅପମାନଜନକ ଜବାବ ରଖିଥିଲେ । ଏହାକୁ ବିରୋଧ କରି ରାଜ୍ୟପାଳ ବଜେଟ୍ ଅଧିବେଶନ ଡାକିନଥିଲେ । ଯାହାକୁ ନେଇ ବିବାଦ ଦେଖାଦେଇଥିଲା ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ